### ଫସର ଫାଟିଲା ପୂଜକ କନ୍ଧ ଶତପଥୀଙ୍କ ଘର ଭାଙ୍ଗିବା ପ୍ରୟାସ

# ନିରାଶ ହୋଇ ଫେରିଲା ପ୍ରଶାସନ

ଗଞ୍ଜାମ, ୧୦।୬(ସମିସ)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକ ଠାରେ ଦୀର୍ଘ ୭୦ ବର୍ଷ ହେବ ରହି ଆସୁଛନ୍ତି ପୂଜକ କନ୍ଧ ଶତପଥୀ ଓ ତାଙ୍କ ପରିବାର। ପୂଜକଙ୍କ ଘର ଉଚ୍ଛେଦ ପାଇଁ ଦୀର୍ଘ ବର୍ଷ ହେବ ପ୍ରୟାସ କରାଯାଉଥିଲେ ମଧ୍ୟ ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଦେବୋତ୍ତର ବିଭାଗ ନିରାଶ ହୋଇଛନ୍ତି। ପୋଲିସ ଫୋର୍ସ ସହ ଦେବୋତ୍ତର ବିଭାଗ, ତହସିଲ ଓ ପୋଲିସ ପ୍ରଶାସନ ପ୍ରମୁଖ ପୂଜକଙ୍କ ଘର ପାଖରେ ପହଂଚି ତମ ଘର ଉଚ୍ଛେଦ ନିମନ୍ତେ ହାଇକୋର୍ଟଙ୍କ ର୍ନିଶେ ରହିଛି ଶୀଘ୍ର ଘର ଖାଲି କରିବାକୁ ପୂଜକଙ୍କ ପରିବାରଙ୍କୁ କହିଥିଲେ। ଶୁଣିବା ପରେ ପୂଜକ ଶତପଥୀ ଓ ତାଙ୍କ ସ୍ତ୍ରୀ ଘର ଆଗରେ ବସି ରହିଥିଲେ। ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିଲେ ମଧ୍ୟ ୨୦୧୬ ରେ ସରକାର ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କାହିଁକି ପ୍ରଦାନ କରିଛନ୍ତି ବୋଲି ପୂଜକଙ୍କ ଓକିଲ ଦିଲ୍ଲିପ କୁମାର ପଟ୍ଟନାୟକ ଯୁକ୍ତି ବଢ଼ିଥିଲେ। ଏହିସହ କିଛି ଦିନ ମହାଲତ ଦେବା ନିୟମ



ଥିବା ଦାବି କରିଥିଲେ ପୂଜକଙ୍କ ଓକିଲ ଆଇନଜୀବୀ ପଟ୍ଟନାୟକ। ଓକିଲଙ୍କ ଯୁକ୍ତିକୁ ଯଥାର୍ଥ କହି କେମିତି ଘର ଭାଙ୍ଗିଦେବ ବୋଲି ସ୍ଥାନୀୟ ଅଞ୍ଚଳ ବାସୀ ଏହାକୁ ନେଇ ପ୍ରଶାସନ ଠାରେ ଘୋର ବିରୋଧ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅତିରିକ୍ତ ତହସିଲଦାର ଲିଲି କୁମାରୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର,ଏଡିସନାଲ ଆଇଆଇସି ଶୁଭଲକ୍ଷ୍ମୀ କଅଁର, ଏସ ଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ କୁମାର ସାହୁ, ମହିଳା ଏଏସଆଇ ସୁପ୍ରଭା ସାହୁ ପ୍ରମୁଖ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଦୀର୍ଘ ସମୟ ଧରି ଦେବୋତ୍ତର ବିଭାଗ କର୍ମଚାରୀ, ତହସିଲ ଓ ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ସ ବାହାରି ପାରିନଥିଲା। ପରେ ଖବର ପାଇ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଘଟଣା ସ୍ଥଳରେ ପହଂଚି ହାଇକୋର୍ଟଙ୍କ ନୋଟିସ ଓ ପୂଜକଙ୍କ ଗ୍ରାମ କଣ୍ଟକ ଘର ପଟ୍ଟା ଦେଖିଥିଲେ। ତଥାପି କୌଣସି ନିଷ୍କର୍ସ ନ ବାହାରିବା ଯୋଗୁଁ ପୂଜକଙ୍କ ଘର ନଭାଙ୍ଗି ଫେରି ଯାଇଥିଲେ।

ପ୍ରକାଶ ଯୋଗ୍ୟ ପୂଜକଙ୍କ ଘର ଠାରୁ କିଛି ଦୂରରେ ଥିବା ଜଗନ୍ନାଥ ମନ୍ଦିର ମାଲିକ ବାରମ୍ବାର ଘର ଭାଙ୍ଗିବାକୁ ପ୍ରୟାସ କରୁଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ବିରୋଧ ପୂଜକଙ୍କ ଓକିଲଙ୍କ ଯୁକ୍ତିକୁ ସାମ୍ନା କରି ନ ପାରି ନିରାଶ ହୋଇଛନ୍ତି। ସୂଚନା ଯୋଗ୍ୟ ପୂଜକ ଶତପଥୀ ଜଣେ ସରଳ ନିସ୍ୱାର୍ଥପର ବ୍ରାହ୍ମଣ। ଘର ଖଣ୍ଡିଏକୁ ଛାଡିଦେଲେ ଜମିଜମା କିଛି ନାହିଁ। ମନ୍ଦିରରୁ ଯାହା ମିଳେ ସେଥିରେ ତାଙ୍କର ପରିବାର ପ୍ରତି ପୋଷଣ କରନ୍ତି।

## ବାଘଲଟି ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

**କୁକୁଡାଖଣ୍ଡି,୧୦।୬(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱୀତିୟ ପର୍ଯ୍ୟାୟ ଜିଲ୍ଲା,ବ୍ଲକ, ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବାଘଲଟି ଗ୍ରାମ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀ ସ୍ୱଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ରାଜ କିଶୋର ପଟ୍ଟନାୟକ, ସରପଞ୍ଚ ମାମି ସାସମଲ୍ଲ,ସରପଞ୍ଚ ପ୍ରତିନିଧି ସୁକାନ୍ତ ସାସମଲ୍ଲଙ୍କ ସହ ବହୁ ବିଭାଗୀୟ ଅଧିକାରୀ ଓ ଲାଇନ ମେନ ଉପସ୍ଥିତ ରହି ପଞ୍ଚାୟତ ବାସୀଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରେ ମୁଖ୍ୟ ସମସ୍ୟା ହେଲା ନୂତନ ପାଠାଗାର ଓ ୨୦ ହଜାର ଲିଟର ପାଣି ଗ୍ରାମ ବାସୀଙ୍କ ନିମନ୍ତେ ନିଅଣ୍ଟ ହେଉଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏହାକୁ ଯଥା ଶୀଘ୍ର ସମାଧାନ ନିମନ୍ତେ ପଦକ୍ଷେପ ନେବା ନିମନ୍ତେ ନିଷ୍ପତି ନିଆଯାଇଥିଲା। ଏହା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍ କାର୍ଡ, ଭତ୍ତା, ସୁଭଦ୍ରା ଯୋଜନା ଇତ୍ୟାଦି ବିଭିନ୍ନ ଅଭିଯୋଗ ଆସିଥିଲା। ଆସିଥିବା ଅଭିଯୋଗଗୁଡ଼ିକ ଯାଞ୍ଚ କରାଯାଇ ଶୀଘ୍ର ସମାଧାନ କରାଯିବ କହିଛନ୍ତି ବ୍ଲକ ଉନ୍ନୟନ ଅଧିକାରୀ ଡା ପଲ୍ଲବୀ ସ୍ୱାଇଁ।

## ରଥଯାତ୍ରା ଲାଗି ପ୍ରସ୍ତୁତି ବୈଠକ

**ଶେରଗଡ଼,୧୦।୬(ସମିସ):** ଶେରଗଡ ସଦରରେ ଥିବା ଶ୍ରୀଜଗନ୍ନାଥଙ୍କଙ୍କ ଘୋଷଯାତ୍ରା ଲାଗି ଏକ ପ୍ରସ୍ତୁତି ବୈଠକ ରାଜ ନଅର ପରିସରରେ ରାଜା ସାହେବ ପୂର୍ଣ୍ଣ ଚନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜା ସାହେବଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଏହି ବୈଠକରେ ରାଜାଙ୍କ ଭାଇ ପ୍ରସନ୍ନ ସିଂଦେଓ, ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ଥାନାଧିକାରୀ ବରେନ୍ଦ୍ର ସିଅଳ, ନରସିଂହ ପଣ୍ଡା ଓ ସୂର୍ଯ୍ୟ ନାରାୟଣ ପଣ୍ଡା, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ରଥଯାତ୍ରା କମିଟିର ସଦସ୍ୟ ବଳରାମ ପାଢୀ, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ,ସଦସ୍ୟ ଇ.ଚିନ୍ମୟ କୁମାର ପାତ୍ର, ରବୀନ୍ଦ୍ର ସ୍ୱାଇଁ, ହୃଷିକେଶ ପାଢୀ,



ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଯୋଗ ଦେଇ ଥିଲେ। ତା ସାଙ୍ଗକୁ ରଥଯାତ୍ରା ସମୟରେ ଯେଭଳି କୌଣସି ଅସୁବିଧା ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ଶେରଗଡରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ସାମିଲ ହେବାକୁ ଥିବା ବେଳେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କୁ ସୁବ୍ୟବସ୍ଥିତ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ୧୬ ତାରିଖ ମହାପ୍ରଭୁଙ୍କ ରଥଯାତ୍ରା ମନ୍ଦିର ନିକଟରୁ ବାହାରି ଆଡପ ମନ୍ଦିର ନିକଟରେ ପହଞ୍ଚିବା ପରେ ଦାରୁବ୍ରହ୍ମ ନବଦିନ ବ୍ୟାପୀ ଆଡପ ମଣ୍ଡପ ରେ ପୂଜା ପାଇବେ। ଚଳିତ ବର୍ଷ ରଥଯାତ୍ରା ଉତ୍ସବକୁ ଆନନ୍ଦ ଓ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ସମାପନ କରିବା ଲାଗି ରାଜା ସାହେବ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାର କାର୍ଯ୍ୟକ୍ରମ

**ପୋଲସରା,୧୦।୬(ସମିସ):** ଓଡ଼ିଶା ସରକାରଙ୍କ ‘ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାର କାର୍ଯ୍ୟକ୍ରମ’ ବୁଧବାର ପୋଲସରା ମ୍ୟୁନସିପାଲିଟ ପକ୍ଷରୁ ରାଣୀପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଜେନା ଓ ଅଧକ୍ଷା ସଙ୍ଗୀତା ବେହେରାଙ୍କ ତତ୍ୱାବଧାନରେ ଏକ ସଚେତନତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଯୋଜନାକୁ କିପରି ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ହେବ ସେନେଇ ଗୋଷ୍ଠୀ ପରିଦର୍ଶିକା ଅନିତା ଅଂଶୁମାଳୀ ସାହୁ ଲୋକଙ୍କ ସମସ୍ତ ଅଭିଯୋଗ ଗ୍ରହଣ କରିବା ସହ ସହରାଞ୍ଚଳର ବିକାଶ ଏବଂ ସକ୍ରିୟ ଭାଗିଦାରୀ ଉପରେ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ।



ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ପରିମଳ ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।କାର୍ଯ୍ୟକ୍ରମରେ ମୋଟ ୧୦ଟି ଜନଅଭିଯୋଗ ଗ୍ରହଣ କରାଯାଇଥିଲା। ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ସେହିପରି ଭିଡିଓ ପ୍ରଦର୍ଶନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ସଫଳତା, ଜନକଲ୍ୟାଣକାରୀ ଯୋଜନା ଏବଂ ନାଗରିକ ସେବା ସମ୍ପର୍କିତ ତଥ୍ୟ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ପୌର ଉପାଧକ୍ଷ ସନ୍ତୋଷ ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ସ୍ୱାଗତିକା ମହାନ୍ତି, ଦୀପିକା ବେହେରା, କ୍ଷେତ୍ର ପରିଦର୍ଶକ ଭଗବାନ ସାହୁ, ଜେଇ ମୁକେଶ ବେହେରା, ଏମ୍ଆଇଏସ୍‌ସି ବିଶ୍ୱଜିତ ମୁଖପାତ୍ର, ସ୍ୱଚ୍ଛସାଥୀ ବବିତା ବେହେରା , ରଶ୍ମିତା ରାଉତ, ମିନତୀ ଜେନା ଓ ନମିତା ଦାସ ସମେତ ବିଭିନ୍ନ ବିଭାଗୀୟଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଓଏଏସ ଖଗେଶ୍ୱର ବେହେରାଙ୍କୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ରମ୍ଭା,୧୦।୬(ସମିସ):** ଗଞ୍ଜାମ ବ୍ଲକ କୁଶପଲ୍ଲୀ ଚାମଣ୍ଡା ମନ୍ଦିର ପରିସରରେ ଓଏଏସ ଖଗେଶ୍ୱର ବେହେରାଙ୍କୁ ଗଞ୍ଜାମ ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ପଞ୍ଚାନନ ତ୍ରିପାଠୀ (ଶିକ୍ଷକ)ଙ୍କ ସଭାପତିତ୍ୱରେ କୃତୀ ଛାତ୍ରଙ୍କୁ ସଂଘ ପକ୍ଷରୁ ଫୁଲତୋଡ଼ା ସହ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ ରମାକାନ୍ତ ନାହାକ ଗାନ କରିଥିବା ବେଳେ ମାନପତ୍ର ପଠନ କରିଥିଲେ ଜୟକୃଷ୍ଣ ତ୍ରିପାଠୀ। ମଞ୍ଚାସିନ ବ୍ୟକ୍ତି ମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ବିଇଓ ସୁଶ୍ରୀ ସୁଚିତ୍ରା ପାଣିଗ୍ରାହୀ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଶିକ୍ଷକ ଉପଦେଷ୍ଟା ଭୀମସେନ ବେହେରା, ଅବସରପ୍ରାପ୍ତ ବିଇଓ ପ୍ରସନ୍ନ ବେହେରା, ଏବିଇଓ /ବିଆରସିସି ବିଜୟ ବେହେରା, ଏନପି. ଏସ ସଂଘର ସଭାପତି ଗଜେନ୍ଦ୍ର ମାଝୀ, ପିଏସଟିଏ ର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ଏଇଉପିଟି ଏଫର ସଭାପତି ପ୍ରଶାନ୍ତ ବେହେରା, ଏବିଇଓ ଗଞ୍ଜାମ ବ୍ଲକ ସଂଯୁକ୍ତା ବେହେରା, ଡିଆଁଡେଇଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ହୋଇ କୃତିତ୍ୱ ହାସଲ କରିଥିବା ଛାତ୍ର ଓଏଏସ ଖଗେଶ୍ୱର ବେହେରା ଜୀବନରେ ଶିକ୍ଷା ଗ୍ରହଣ



କରିବାକୁ ହେଲେ ଅନେକ ସଂଘର୍ଷ, ଧ୍ୟାନ, ଏକାଗ୍ରତା ଉପରେ ଗତି କରିଲେ ସଫଳତା ନିକଟତର ହୋଇଥାଏ ବୋଲି ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ମତ ପୋଷଣ କରିଥିଲେ। ବାପା ଦେବରାଜ ବେହେରା (ପ୍ରଧାନଶିକ୍ଷକ), ମାତା କୁନ୍ତଳା ବେହେରାଙ୍କ ସନ୍ତାନ। ଅନ୍ୟ ଭାଇଭଉଣୀ ମଧ୍ୟରେ ମନୀଷା, ସନ୍ତୋଷ, ଦୀପକ, କୀର୍ତି ଓ ଦୀପ୍ତି ପରିବାର ସଦସ୍ୟ ଅଛନ୍ତି। ଧନ୍ୟବାଦ ଭବନୀ ଶଙ୍କର ପଟ୍ଟନାୟକ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଗଞ୍ଜାମ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ସହଯୋଗ କରିଥିଲେ।

## ଗୋଷ୍ଠୀ କୃଷକ ଉପଦେଷ୍ଟା ଦଳର ବୈଠକ



**ପୁରୁଷୋତ୍ତମପୁର ୧୦।୬(ସମିସ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷକମାନଙ୍କର ଉନ୍ନତି ନିମନ୍ତେ ବୁଧବାର ଅପରାହ୍ନରେ ଗୋଷ୍ଠୀ କୃଷକ ଉପଦେଷ୍ଟା ଦଳର ବୈଠକ ଆତ୍ମା ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। କୃଷି ଅଧିକାରୀ ଶୁଭଦାର୍ଶନି ବେହେରା ସଂଯୋଜନା କରିଥିବା ବେଳେ କାଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ପିଙ୍କି ବେହେରା, ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ରଂଜିତ କୁମାର ବେହେରା,ପିଙ୍କି ନାହାକ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ବ୍ଲକରେ ବହୁ ଦିନ ଧରି କୃଷି ବୈଠକ ହୋଇନଥିଲା ଆତ୍ମାର ନୂତନ ଅଧକ୍ଷ ନିଯୁକ୍ତି ପରେ ଚାଷୀ ମାନଙ୍କ ବିକାଶ ନେଇ ସରକାର ଯେଉଁ ସବୁ ଯୋଜନା ମାନ କରୁଛନ୍ତି ତାହା କିପରି ଚାଷୀ ଙ୍କ ନିକଟରେ ପହଁଚି ପାରିବ ବିଭିନ୍ନ ଯୋଜନାରେ କୃଷକ ଲାଭବାନ ହୋଇପାରିବେ ସେଥି ନେଇ ସମସ୍ତ ବିଭାଗର ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।ଏହି ବୈଠକରେ ବିଭାଗୀୟ ଅଧିକାରୀ ସମେତ ଆତ୍ମାର ସମସ୍ତ ସଭ୍ୟ ଓ ସଭ୍ୟା, ବହୁ ଅଗ୍ରିଣ ଚାଷୀ ଯୋଗ ଦେଇଥିଲେ।

## ଅବହେଳିତ ଅବସ୍ଥାରେ ମଚ୍ଛାକୋଟ ଡ୍ୟାମ୍‌ର ଦୁଇ ନାଳ

**ଶେରଗଡ଼,୧୦।୬(ସମିସ):** ଶେରଗଡ ସହର ଦେଇ ପ୍ରବାହିତ ହେଉଥିବା ନନ୍ଦିନୀ ନଦୀର ଉପରି ଭାଗରେ ତଥା ଧରାକୋଟ ବ୍ଲକ ମଚ୍ଛାକୋଟ ଠାରେ ନନ୍ଦିନୀ ନଦୀ ଉପରେ ଏକ ଆନିକଟ ନିର୍ମାଣ କରାଯାଇଛି। ଏହି ଆନିକଟ ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଦୁଇଟି ନାଳ ୨୦୧୨ ମସିହା ରେ ଗଢି ଉଠିଥିଲା। ଏହାର ମୂଳ ଲକ୍ଷ୍ୟ ହେଲେ ଜମିରେ ଜଳସେଚନ ହେବ ଏବଂ ଚାଷୀ ଏହାର ଲାଭ ନେଇ ପାରିବ। ବର୍ତ୍ତମାନ ଏହି ନାଳ ଅବହେଳିତ ଅବସ୍ଥାରେ ପଡିରହିଛି। ବର୍ଷ ବର୍ଷ ଧରି ପୁନରୁଦ୍ଧାର ହୋଇନାହିଁ, ପୋତି ହୋଇ ଗଲାଣି ଏହି ଦୁଇଟି ନାଳ। ନାଳ ପୋତି ହୋଇଯିବା ଫଳରେ ଚାଷ କାର୍ଯ୍ୟ ସମୟରେ ପାଣି ଜମିରେ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଯାହା ଫଳରେ ପ୍ରତିବର୍ଷ ଚାଷୀ ହଇରାଣ ହରକତ ହୋଇ ନିଜେ ଚାଷୀ ନାଳକୁ ସଫା କରି ଜମିକୁ ପାଣି ନେଉଥିବା ନଜିର ମଧ୍ୟ ରହିଛି। ଏଭଳି ଅବସ୍ଥା ଜିଲ୍ଲା ଠାରୁ ଆରମ୍ଭ ସ୍ଥାନୀୟ ପ୍ରଶାସନ ଦୀର୍ଘ ବର୍ଷ ହେବ ଦେଖୁଥିବା ବେଳେ ଏହି ନାଳର ପୁନରୁଦ୍ଧାର ଏବଂ ଚାଷୀଙ୍କ ପ୍ରତି କାହାରି ଦରଦ ନଥିବା ଭଳି ମନେ ହେଉଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ହେଲେ ଏହି ଅଞ୍ଚଳର ଚାଷୀଙ୍କ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ନାଳ ଦୁଇଟି ଜଙ୍ଗଲରେ ପୋତି ହୋଇଯିବାକୁ ବସିଲାଣି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ବର୍ଷ ବର୍ଷ ଧରି ପୁନରୁଦ୍ଧାର ହୋଇ ପାରୁନାହିଁ। ଅନ୍ୟ ପଟେ ଏ ଦୁଇଟି ନାଳ ରୁ ଗୋଟିଏ ନାଳ ରାଜ୍ୟ ରାଜପଥ ଦେଇ ଯାଇଥିବା ସକାଶେ ଲୋକେ ଏହି ବାଟ ଦେଇ ଯିବା ଆସିବା କରିବାରୁ ନାଳ ପୋତି ହୋଇ ଯାଇଥିବାରୁ ବର୍ଷା ଦିନେ ଚାଷ ଜମିକୁ ପାଣି ପହଞ୍ଚି ପାରୁ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ। ଫଳରେ ଅବହେଳାର ଶିକାର ହୋଇଥିବା ଚାଷୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତେବେ ପୁନରୁଦ୍ଧାର ଲାଗି ନାଳ ପ୍ରବାହିତ ହୋଇ ଯାଇଥିବା ଚାଷୀ ସ୍ଥାନୀୟ ପ୍ରଶାସନ ସହ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଆଗାମୀ ଚାଷ କାର୍ଯ୍ୟ ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ଚାଷୀ କୂଳ।



## ଉପଖଣ୍ଡସ୍ତରରେ ବୁଲିଲା ‘ସ୍ୱିପ’ ସଚେତନତା ରଥ

**ଛତ୍ରପୁର ,୧୦।୬(ସମିସ):** ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) ପ୍ରକ୍ରିୟା ଜାରି ରହିଛି। ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଛତ୍ରପୁର ଉପଜିଲାପାଳ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱିପ (ପଦ୍ଧତିଗତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶ ଗ୍ରହଣ ) ରଥର ଉଦଘାଟନ କରାଯାଇଛି। ଅତିରିକ୍ତ ଜିଲାପାଳ( ରାଜସ୍ୱ) ଦେବଦତ୍ତ ପଣ୍ଡା ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଛତ୍ରପୁର ଉପଖଣ୍ଡର ସମସ୍ତ ପଞ୍ଚାୟତ ବୁଲି ଲୋକଙ୍କୁ ଏସଆଇଆର ସଂପର୍କରେ କରିବ ସଚେତନତା। ଏହି ରଥ ମାଧ୍ୟମରେ ସାଧାରଣ ଜନତାଙ୍କୁ ଭୋଟର ତାଲିକା ସଂଶୋଧନ ସମେତ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟଙ୍କୁ ବାଦ ଦେବା, ମୃତ୍ୟୁ ବ୍ୟକ୍ତିଙ୍କ ନାମ ବାଦ, ନକଲି ନାମ ଚିହ୍ନଟ କରି ତାଲିକାରୁ ବାଦ ସହ ତାଲିକାରେ ଥିବା ତ୍ରୁଟି ସଂଶୋଧନ ଉପରେ ଏହି ରଥ ଦ୍ୱାରା ପ୍ରଚାର କରାଯିବ। କାର୍ଯ୍ୟକ୍ରମରେ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା ଓ ଡେପୁଟିକଲେକ୍ଟର ରବୀନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



# ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ପୂଜା ଓ ପ୍ରାର୍ଥନା

**ଛତ୍ରପୁର, ୧୦।୬(ସମିସ):** ଛତ୍ରପୁର ପୌର ଅନ୍ତର୍ଗତ ଅଗ୍ରାହରମ ସାହିସ୍ଥିତ ଶ୍ରୀ ଗୌରୀଶଙ୍କର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ସମର୍ପିତ ୧୨ ବର୍ଷ ପୂର୍ତ୍ତି ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ‘ସଂକଳ୍ପରୁ ସିଦ୍ଧି’ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହିତ ନେତା ଓ କର୍ମୀ ଦୀପ ଲଗାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମୋଦୀ ଜୀଙ୍କ ୪,୩୯ ୯ ଦିନର ଐତିହାସିକ ଯାତ୍ରାକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପିର ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ବସନ୍ତ ବେହେରା, କଣମଣା ମଣ୍ଡଳ ସଭାପତି ଏନ. ଦିନବନ୍ଧୁ, ପି . ରାମବାବୁ, କେ. ଦାଶରଥି, କେ. ଏଲେୟା, ସମ୍ପଦ ନାହାକ, ସରକାରୀ ଓକିଲ ପ୍ରଦୀପ ପାଢ଼ୀ, ଚୈତନ୍ୟ ପ୍ରଧାନ, ରାଜେନ୍ଦ୍ର ପଲାଇ, ସରପଞ୍ଚ ରବୀନ୍ଦ୍ର ରାଉଳ, ସଂଜିତ ରାଉଳ, ଗୌରୀ ଶଙ୍କର ନାହାକ, ଡି. ସୁରେଶ ରେଡ୍ଡୀ, ବନୋଜ ନାହାକ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ କାଳୀନ ରେକର୍ଡ ଅବସରରେ ଖଲ୍ଲିକୋଟ ବିଜେପି ପକ୍ଷରୁ ବାବା ଗୁପ୍ତେଶ୍ୱରଙ୍କ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ କେଶପୁର ପଂଚାୟତର ଗୋପକୁଦାରେ ଅବସ୍ଥିତ ବାବା ଗୁପ୍ତେଶ୍ୱର ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କାଳୁରାମ ମହାରଣା, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶୁଭଜିତ କୁମାର, ମଣ୍ଡଳ ସଭାପତି ପଙ୍କଜ ମାଝି, ମିଟୁ ସ୍ୱାଇଁ, ପ୍ରଦୀପ୍ତ ପଟ୍ଟନାୟକ, ପଦ୍ମ ଚରଣ ସୁବୁଦ୍ଧି, ରମେଶ ପରିଡା, ଭିକ ପାଣ୍ଡି, ସରପଞ୍ଚ ସିକ ପାଣ୍ଡି, ମହେଶ୍ୱର ସ୍ୱାଇଁ, ପ୍ରକାଶ ସାସମଲ, ମିଥୁନ ଖୁଣ୍ଟିଆ, ସମିତି ସଭ୍ୟ ଉଲ୍ଲାସ ପରିଡା, ସୁଦର୍ଶନ ବେହେରା, ଟୁଲୁ ପାହାନ, ପ୍ରଦୀପ ଜେନା, ହେମନ୍ତ ମହାରଣା, ଅଶୋକ ଦଳେଇ ଯୋଗ ଦେଇଥିଲେ।

**ପୋଲସରା:** ପୋଲସରା ପୌର ଅନ୍ତର୍ଗତ ଦିବ୍ୟ ଜୀବନ ସଂଘ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ସମର୍ପିତ ୧୨ ବର୍ଷ ପୂର୍ତ୍ତି ଅବସରରେ ପୋଲସରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ସାମୁହିକ ପୂଜାପାଠ ଓ ଦୀପଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ସୁସ୍ଥ ଜୀବନ ଏବଂ ରାଷ୍ଟ୍ରସେବାରେ ଅବ୍ୟାହତ ସଫଳତା କାମନା ନିମନ୍ତେ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଓ ଶତାଧିକ ନେତା ଓ କର୍ମୀ ଦୀପ ଲଗାଇ ସ୍ୱତନ୍ତ୍ର ପୂଜା ଓ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଦୀପକ କୁମାର ପ୍ରଧାନ, ପୋଲସରା ମଣ୍ଡଳ ସଭାପତି ରାମକୃଷ୍ଣ ପ୍ରଧାନ, ମଥୁରା ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଜେନା, ହାତୀଓଟ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ନୀଳମାଧବ ସାହୁ, ରଘୁନାଥ ପଣ୍ଡା, ଦୀପକ ପୋଲାଇ, ପ୍ରଭାରୀ ପ୍ରସନ୍ନ କୁମାର ଡାକୁଆ, ପୂର୍ବତନ ବ୍ଲକ ଅଧକ୍ଷା ସଂଯୁକ୍ତା ପ୍ରଧାନ, ଗୀତାଞ୍ଜଳି ନାୟକ, ଗାୟତ୍ରୀ ଜେନାଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗଦେଇଥିଲେ।

## ୬୭ ଲିଟର ଦେଶୀ ମଦ ଜବତ, ୩ ଗିରଫ

**ବୁଗୁଡା,୧୦।୬(ସମିସ):** ବୁଗୁଡ଼ା ଅବକାରୀ ବିଭାଗ ତରଫରୁ ବୁଧବାର ଦିନ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬୭ ଲିଟର ଦେଶୀ ମଦ ଜବତ ସହ ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ତିନି ଜଣ ହେଲେ କୋଦଳା ଥାନା ଅନ୍ତର୍ଗତ ବେରୁହାଁବାଡିର ପ୍ରଦୀପ ବେହେରା, ବୁଗୁଡ଼ା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ବାବୁଲା ପ୍ରଧାନ ଓ ଗୋଳାବନ୍ଧ ଗ୍ରାମର ଅକ୍ଷୟ ଜେନା ହୋଇଥିବା ବେଳେ ସେମାନଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୩୮/୨୬, ୩୯/୨୬ ଓ ୪୦/୨୬ରେ ପୃଥକ୍ ଭାବେ ତିନୋଟି ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି।ଅବକାରୀ ବିଭାଗ ତରଫରୁ ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମ ଉପକଣ୍ଠରେ ପ୍ରଦୀପଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଠଣାପଲ୍ଲୀ ଗାଁ ନିକଟରେ ବାବୁଲାଠାରୁ ୨୦ ଲିଟର ଏବଂ ଗୋଳାବନ୍ଧ ଗାଁ ଶେଷମୁଣ୍ଡରେ ଅକ୍ଷୟଠାରୁ ୨୨ ଲିଟର ଦେଶୀ ଜବତ କରାଯାଇଥିଲା। ଉକ୍ତ ଚଢଉ କାର୍ଯ୍ୟରେ ଅବକାରୀ ଥାନା ଓଆଇସି ଜ୍ୟୋତି ରଞ୍ଜନ ସେନାପତିଙ୍କ ନେତୃତ୍ୱରେ ନିରେନ୍ଦ୍ରଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ ଓ କାମନା ରେଡି ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।



### ବେଆଇନ ବାର୍ ଉପରେ ପୋଲିସର ଚଢ଼ଉ

# ୭୦ ଲିଟର ବିଦେଶୀ ମଦ ସହ ଫ୍ରିଜ୍ ଜବତ

ଖଲ୍ଲିକୋଟ,୧୦।୬(ସମିସ)

ଖଲ୍ଲିକୋଟ ଥାନା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାର୍ ଉପରେ ଚଢ଼ଉ କରିଛି ପୋଲିସ। ୭୦ ଲିଟର ବିଦେଶୀ ମଦ ସହ ଫ୍ରିଜ, ଡିଫ୍ରିଜ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ମଦ ବେପାରୀଙ୍କୁ ଧରି ପାରିନି ପୁଲିସ। ଚଢ଼ଉ ବେଳେ ସୁଯୋଗ ଦେଖି ସେଠାରୁ ଚମ୍ପଟ ମାରିଛନ୍ତି ମଦ ବେପାରୀ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୋଟାଗାଁରୁ କେନ୍ଦୁପାଟ ଯିବା ରାସ୍ତା କଦଳୀବସନ୍ତ ଗାଁ ନିକଟରେ ଚାଲିଥିଲା ବେଆଇନ ମଦ କାରବାର। କୌଣସି ବୈଧ ଲାଇସେନ୍ସ ନଥାଇ ସେଠାରେ ଏକ ବେଆଇନ ବାର୍ ଚାଲୁଥିଲା। ସନ୍ଧ୍ୟା ରୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ ଜମୁଥିଲା ମଦୁଆ ଙ୍କ ଭିଡ଼। ମଦ ସାଙ୍ଗକୁ ଚାଖଣା ମଧ୍ୟ ସେଠାରେ ମିଳୁଥିଲା। ଖବର ପାଇ ଖଲ୍ଲୀକୋଟ ଥାନା ଏସ୍.ଆଇ ଦୁଲୁ ମାଝୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗତକାଲି ରାତି ରେ ସେଠାରେ ହଠାତ୍ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସେଠାରୁ ପ୍ରାୟ ୭୦ ଲିଟର ବିଦେଶୀ ମଦ ଓ ବିଅର୍ ଜବତ କରାଯାଇଛି । ଜବତ ମଦ ମଧ୍ୟରେ ଟୁବର୍ଗ ବିଏର, କାର୍ଲସବର୍ଗ ବିଏର, ବଡବେଜେର ବିଏର, ବାକାର୍ଡି ବ୍ଲାକ ରମ, ରୟାଲ ଷ୍ଟାଗ ହୁଇସକି, ଆଇକୋନିକ ହୁଇସକି ପ୍ରଭୃତି ବ୍ରାଣ୍ଡ ରହିଛି। ଏହା ସହିତ ମଦ ରଖିବା ପାଇଁ ବ୍ୟବହାର ହେଉଥିବା ଗୋଟିଏ ଫ୍ରିଜ୍ ଓ ଗୋଟିଏ ଡିଫ୍ରିଜ,ଷ୍ଟକ୍ ରେଜିଷ୍ଟର, ପ୍ଲାଷ୍ଟିକ୍ ଚେୟାର-ଟେବୁଲ୍, ଗ୍ୟାସ ଚୁଲା, ଦୁଇଟି ଗ୍ୟାସ ସିଲିଣ୍ଡର, ଚାଖଣା ଛଣା ହେବା ପାଇଁ ବ୍ୟବହୃତ କଡେଇ ଏବଂ ଟଙ୍କା କାରବାର ପାଇଁ ବ୍ୟବହୃତ ହେଉଥିବା ଏକ କ୍ୟୁ ଆର କୋର୍ଡ ମଧ୍ୟ ଜବତ କରିଛି ପୋଲିସ। ପୋଲିସକୁ ଦେଖି ବେଆଇନ ବାର୍ ଚଲାଉଥିବା ଦୁଇ ଅଭିଯୁକ୍ତ କାହ୍ନୁ ଚରଣ ଦଳେଇ ଏବଂ ଅମିତ ସ୍ୱାଇଁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ୍ ନମ୍ବର ୪୬୨/୨୦୨୬ ରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ ) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ସୂଚନା ଦେଇଛନ୍ତି। ଖଲ୍ଲିକୋଟ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଇଆଇସି ରମେଶ କୁମାର ପ୍ରଧାନ ଉପସ୍ଥିତ ଥିଲେ।





ଗୋପାଳପୁର ବିଧାନସଭା କ୍ଷେତ୍ରରେ ସିଷ୍ଟମେଟିକ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକଟୋରାଲ ପାର୍ଟିସପେସନ କାର୍ଯ୍ୟକ୍ରମ ପାଇଁ ସୃଜନଶୀଳ ଅବଦାନ ନିମନ୍ତେ ସ୍ଥାନୀୟ ବାଲୁକା ଶିଳ୍ପୀ ମହେଶ୍ୱର ସାହୁଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ସମ୍ମାନିତ କରୁଛନ୍ତି

# ବାଇକ୍‌ରୁ ପ୍ରେମିକାକୁ ଠେଲି ହତ୍ୟା; ପ୍ରେମିକ ଗିରଫ

ବ୍ରହ୍ମପୁର,୧୦।୬(ସମିସ)

ଆଙ୍କୁଲି ଜାତୀୟ ରାଜପଥ ୧୬ରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଛାତ୍ରୀ ଅମ୍ବିକା ସ୍ୱାଇଁ (୧୮)ଙ୍କ ମୃତ୍ୟୁ ଘଟଣାରେ ଟ୍ୱିଷ୍ଟ ଆସିଛି। ଅମ୍ବିକା ଦୁର୍ଘଟଣା ଯୋଗୁଁ ମୃତ୍ୟୁ ହୋଇ ନାହିଁ ତାଙ୍କୁ ବାଇକରୁ ଠେଲି ଦିଆଯାଇଥିବା ଜଣାପଡ଼ିଛି। ହତ୍ୟା ଅଭିଯୋଗ ଆସିବା ପରେ ପୁଲିସ ତଦନ୍ତ କରି ପ୍ରେମିକ ତଥା ନିମଖଣ୍ଡି ଥାନା ଅଞ୍ଚଳର ଅଭିଯୁକ୍ତ ରାଜେଶ ଆଚାର୍ଯ୍ୟ(୨୩) ଗିରଫ କୋର୍ଟଚାଲାଣ କରିଛି। ଅମ୍ବିକାଙ୍କ ମୋବାଇଲ୍ ଫୋନ୍, ଦୁର୍ଘଟଣାଗ୍ରସ୍ତ ବାଇକକୁ ପୁଲିସ ଜବତ କରିଥିବା ଏହି ମାମଲାର ଆଇଓ ତଥା ଏସଆଇ ଦୀପ୍ତି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସଦର ଥାନା ରୋହିଗାଁର କାହ୍ନୁଚରଣ ଜେନାଙ୍କ ଭାଣିଜୀ ଅମ୍ବିକା ସ୍ୱାଇଁ +୨ ବିଜ୍ଞାନରେ ପାସ୍ କରିବା ପରେ ବ୍ରହ୍ମପୁରରେ ରହି ନିଟ୍ ପାଇଁ ପ୍ରସ୍ତୁତି କରୁଥିଲେ। ଅମ୍ବିକାଙ୍କୁ ନିମଖଣ୍ଡି ଥାନା ପେଣ୍ଠବଡ଼ ସାହିର ରାଜେଶ ଆଚାର୍ଯ୍ୟ (୨୩) ବାଇକରେ ନେଇ ଗତ ୭ତାରିଖରେ ବୁଲିବାକୁ ଯାଇଥିଲେ। ଦୁର୍ଘଟଣାରେ ଅମ୍ବିକାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାରଲୋକଙ୍କୁ ରାଜେଶ ସୂଚନା ଦେଇଥିଲେ। ରାଜେଶଙ୍କ କଥାବାର୍ତ୍ତାକୁ ସନ୍ଦେହ କରି ବୈଦ୍ୟନାଥପୁର ଥାନାରେ ଭାଣିଜୀକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ ମାମୁଁ କାହ୍ନୁ। ପୁଲିସ ଘଟଣାର ତଦନ୍ତ କରି ଜାଣିବାକୁ ପାଇଥିଲା ଯେ ୨୦୨୩ ମସିହାରେ ଅଭିଯୁକ୍ତ ଦିଗପହଣ୍ଡି ଭୁବନେଶ୍ୱର ବସ୍‌ରେ ହେଲପର କାମ କରୁଥିଲେ। ସେହି ଗାଡ଼ିରେ ଅମ୍ବିକା ପ୍ରତିଦିନ ବ୍ରହ୍ମପୁର ଆସୁଥିଲେ। ଇତି ମଧ୍ୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅମ୍ବିକା ବିବାହ ପାଇଁ ରାଜେଶଙ୍କୁ ବାରମ୍ବାର କହୁଥିଲେ। କିନ୍ତୁ ଭିନ୍ନ ଜାତି ହେବା ଫଳରେ ତାଙ୍କ ପରିବାର ବିରୋଧ କରୁଥିଲେ। ଗତ ୭ ତାରିଖରେ ଉଭୟେ ବୁଲିବା ପାଇଁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପାର୍କ ଯାଇଥିଲେ। ସେଠାରେ ରାଜେଶଙ୍କ ଭଉଣୀ ଏବଂ ଭିଣୋଇଙ୍କୁ ଭେଟିବା ପରେ ଅମ୍ବିକା ପୁଣି ବିବାହ କଥା ଉଠାଇଥିଲେ। ସେଠାରୁ ଯୋଜନା କରି ରାଜେଶ ତାଙ୍କ ବାଇକ୍‌ରେ ନେଇଥିଲେ। ଆଙ୍କୁଲି ବ୍ରିଜ୍ ନିକଟରେ ଚଳନ୍ତା ବାଇକ୍‌ରୁ ରାଜେଶ ଓହ୍ଲାଇ ପଡ଼ିଥିଲେ। ଫଳରେ ବାଇକ୍‌ରୁ ପଡ଼ି ଅମ୍ବିକାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରାଜେଶ ଅମ୍ବିକାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ଦୁର୍ଘଟଣା ଖବର ଦେଇଥିଲେ ଏବଂ ଅମ୍ବିକା ଏମ୍ କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଥିବା କହିଥିଲେ। ପରିବାରଲୋକ ସେଠାରେ ପହଞ୍ଚିବା ପରେ ରାଜେଶ ସେଠାରୁ ପଳାଇଥିଲା। ପୁଲିସ ତଦନ୍ତ କରି ତାଙ୍କୁ ଗିରଫ କରିଛି।

● ଯୁବକଙ୍କୁ ଓଭରବ୍ରିଜ୍ ଉପରୁ ତଳକୁ ଠେଲିଦେବା ଘଟଣା

# ଏନ୍‌କାଉଣ୍ଟରରେ ଆହତ ଦିପୁନା କୋର୍ଟ ଚାଲାଣ

ବ୍ରହ୍ମପୁର,୧୦।୬(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗି ଓଭରବ୍ରିଜ ଉପରୁ ଧାନମେରା ସାହିର ଶ୍ୟାମ ବେହେରାଙ୍କୁ ମାରପିଟ କରି ବ୍ରିଜ ତଳକୁ ଠେଲିଦେବା ଘଟଣାର ଅନ୍ୟତମ ଅଭିଯୁକ୍ତକୁ ପୁଲିସ ଏନକାଉଣ୍ଟରରେ ଆହତ ହୋଇ ଚିକିତ୍ସିତ ହେଉଥିଲା। ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ଲାଞ୍ଜିପଲ୍ଲୀ ଦୀପ ସାହିର ଦୀପୁନା ନାୟକ(୩୫)କୁ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ପୂର୍ବରୁ ଦିପୁନା ନାୟକର ସାନଭାଇ ସୁମନ ନାୟକ ଓରଫ ବାବୁଲ (୨୬) ଏବଂ ଏସ. ଗୌତମ ରାଓ (୨୦)ଙ୍କୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ଗିରଫଦାରିକୁ ଏଡାଇବାକୁ ଯାଇ ଦିପୁନା ନାୟକ ପୁଲିସକୁ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ ଚେଷ୍ଟା କରୁଥିବା ବେଳେ ପୁଲିସ ଏନକାଉଣ୍ଟରର ଶୀକାର ହୋଇଥିଲା ଦିପୁନା। ଏନକାଉଣ୍ଟର୍ ପରେ ଦିପୁନା ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ହେଉଥିଲା। ସୂଚନାଯୋଗ୍ୟ ଯେ, ଗତ ୧୬ତାରିଖରେ ବ୍ରହ୍ମପୁରର ଗୋପାଳପୁର ଓଭର ବ୍ରିଜ ନିକଟରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶ୍ୟାମ ବେହେରା ଏବଂ



ତାଙ୍କ ବନ୍ଧୁ ଅଭିଜିତ୍ କାଣ୍ଡିଙ୍କୁ ଆକ୍ରମଣ କରି ସେମାନଙ୍କ ୨ଟି ମୋବାଇଲ୍ ଏବଂ ନଗଦ ୧୫୦୦ଟଙ୍କା ଛଡ଼ାଇ ନେଇଥିଲେ। ଶ୍ୟାମ ବେହେରାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ପ୍ରାୟ ୩୦ଫୁଟ ଉଚ୍ଚତାରୁ ଓଭରବ୍ରିଜ୍ ଉପରୁ ତଳକୁ ଠେଲି ଦେଇଥିଲେ। ଯାହା ଫଳରେ ଶ୍ୟାମ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ଶ୍ୟାମ ଶୀତଳାପଲ୍ଲୀ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ଦିପୁନାକୁ ଗୋଳନ୍ଥରା ଥାନା ଅଞ୍ଚଳରେ କାବୁ କରି ପଚରାଉଚରା ବେଳେ ଦିପୁନାର ସାନଭାଇ ସୁମନ ନାୟକ ଓ ଗୌତମ ସମେତ ୩ଜଣ କିର୍ତ୍ତିପୁର ଠାରୁ ଧବଳେଶ୍ୱର ରାସ୍ତାରେ ଏକ ସ୍ଥାନରେ ଲୁଚି ରହିଥିବା ଦିପୁନା ପୁଲିସକୁ କହିଥିଲା। ପରେ ସଦର ଏସଡ଼ିପିଓ ସୁଭ୍ରାଂଶୁ ଶେଖର ପରିଡ଼ା, ଦୁଇଜଣ ଏସ.ଆଇ, ଜଣେ ଏଏସଆଇ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ ଅଭିଯୁକ୍ତ ଦିପୁନାକୁ ନେଇ ରାତ୍ର ପ୍ରାୟ ୮ ଘଣ୍ଟା ସମୟରେ ସେହି ସ୍ଥାନକୁ ଯାଇଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ପୁଲିସ ଉପରକୁ ବୋମାମାଡ଼ କରିବା ବେଳେ ଦିପୁନା ସେଠାରୁ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲା। ସେହି ସମୟରେ ପୁଲିସ ପକ୍ଷରୁ ୩ରାଉଣ୍ଡ ଗୁଳିଚାଳନା ହୋଇଥିଲା। ସେଥିରୁ ଗୋଟିଏ ଗୁଳି ଦିପୁନାର ବାମ ଗୋଡ଼ରେ ବାଜିବାରୁ ସେ ତଳେ ପଡ଼ି ଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ବୋମାମାଡ଼ରେ ସଦର ଏସଡ଼ିପିଓ ସୁଭ୍ରାଂଶୁ ଶେଖର ପରିଡ଼ା, ଦୁଇ ଏସ.ଆଇ ଓ ଜଣେ ଏଏସଆଇ ସାମାନ୍ୟ ଆହତ ହୋଇ ଚିକିତ୍ସା ହୋଇଥିବା ନେଇ ସଦର ଏସଡ଼ିପିଓ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

# ଚିକିତ୍ସକ ସପ୍ତାହ ଅବସରରେ ବୃକ୍ଷରୋପଣ ଓ ପଦଯାତ୍ରା

ବ୍ରହ୍ମପୁର,୧୦।୬(ସମିସ): ଚିକିତ୍ସକ ସପ୍ତାହ ପାଳନ ଅବସରରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ବା ଶଲ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସପ୍ତାହ





ବ୍ୟାପୀ ଉତ୍ସବ ପାଳନ ଅବସରରେ ବିଭାଗ ପକ୍ଷରୁ ପ୍ରଥମ ଦିବସରେ ପଦଯାତ୍ରା ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବନବିଭାଗର ମିଳିତ ଉଦ୍ୟମରେ ଏମକେସିଜି ମେଡିକାଲ କ୍ୟାମ୍ପସରେ ବୃକ୍ଷରୋପଣ କରାଯାଇଥିଲା। ଜୁନ ୯ତାରିଖ ଠାରୁ ୧୫ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଚିକିତ୍ସକ ସପ୍ତାହ ପାଳନ ଅବସରରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ପ୍ରଫେସର ହରେକୃଷ୍ଣ ଦଳାଇ, ଅଧିକ୍ଷକ ପ୍ରଫେସର ଡାକ୍ତର ସୁଦୀପା ଦାସ, ସର୍ଜରୀ ବିଭାଗ ମୁଖ୍ୟ ଶିବପ୍ରସାଦ ପଟ୍ଟନାୟକ, ଡାକ୍ତର ଚରଣ ପଣ୍ଡା, ଡାକ୍ତର ପ୍ରଭାତ ପାଣିଗ୍ରାହୀ, ଡାକ୍ତର ମନୋଜ ସେଠୀ, ଆଇଏମଏ ସଭାପତି ଡାକ୍ତର କମଳାକାନ୍ତ ପାଣିଗ୍ରାହୀ, ଡାକ୍ତର ସତ୍ୟସ୍ୱରୁପ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ ମିଶ୍ର ଓ ଡାକ୍ତର ପ୍ରସନ୍ନ କର ପ୍ରମୁଖଙ୍କ ସମେତ ବହୁ ଡାକ୍ତର ପଦଯାତ୍ରାରେ ସାମିଲ ହେବା ସହ ବୃକ୍ଷରୋପଣ କରିଥିଲେ।

# ଗୋପାଳପୁର ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୦।୬(ସମିସ): ଗୋପାଳପୁର ସମୁଦ୍ର ବେଳାଭୂମିରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ସଚେତନତା ସହ ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଉପଜିଲ୍ଲାପାଳ ରୀନା କୁମାରୀ ନାୟକ, ତହସିଲଦାର ରାକେଶ କୁମାର ପରିଡା, ଡେପୁଟି କଲେକ୍ଟର ଅଲେଖ ରଞ୍ଜନ ମହାଙ୍କୁଡ, ସମେତ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ





ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ସମୁଦ୍ର ବେଳାଭୂମି ପରିସରରୁ ପ୍ଲାଷ୍ଟିକ, ବର୍ଜ୍ୟବସ୍ତୁ ଓ ଆବର୍ଜନା ସଂଗ୍ରହ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ପୁଣି ଗିରଫ

ବ୍ରହ୍ମପୁର,୧୦।୬(ସମିସ): ଜଣେ ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କୁ ବିବାହର ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କମାପଲ୍ଲୀ ମେନରୋଡ୍ ଅଞ୍ଚଳର ଟି. ମନ୍ମଥ ରାଓ (୩୧)। ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ଜଣେ ୨୪ ବର୍ଷୀୟା ମହିଳା ନିଜ ସ୍ୱାମୀ ଠାରୁ ଅଲଗା ହେବା ପରେ ଛୋଟ ଝିଅକୁ ଧରି ମାଆ ଘରେ ରହୁଥିଲେ। ଆଜକୁ ପ୍ରାୟ ୧୦ ମାସ ପୂର୍ବରୁ ଅଭିଯୁକ୍ତ ମନ୍ମଥ ସହ ତାଙ୍କର ପରିଚୟ ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମନ୍ମଥ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ମାସ ପରେ ଅଭିଯୁକ୍ତ ବିବାହ କରିବାକୁ ଅସ୍ୱୀକାର କରିଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ କୁଲିସ ଏକ ମାମଲା ରୁଜୁ କରି ମନ୍ମଥଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ହେଲେ ମନ୍ମଥ ଜେଲ୍‌ରୁ ମୁକୁଳିବା ପରେ ପୁଣି ମହିଳାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଏହା ସହ ତାଙ୍କୁ ମାଡ଼ ମାରି ହତ୍ୟା ଉଦ୍ୟମ କରିବା ସହ ତାଙ୍କ ମୋବାଇଲ ଫୋନ୍ ଭାଙ୍ଗି ଦେଇଥିଲେ। ଘଟଣାକୁ ନେଇ ମହିଳା ଜଣଙ୍କ ପୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୁଣି ମନ୍ମଥଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ପିନ୍ଧା ପୋଷାକ ସହ ଉଭୟଙ୍କର ଜୈବିକ ନମୁନା ଜବତ କରି ଫରେନ୍ସିକ୍ ପରୀକ୍ଷା ପାଇଁ ପଠାଯାଇଛି।

# ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୧୦।୬(ସମିସ): ସ୍ଥାନୀୟ ହିଲପାଟଣାରେ ଗତ ୩୧୦ତାରିଖ ରାତିରେ ଜଣେ ଯୁବକଙ୍କୁ ଫୁଲକୁଣ୍ଡ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପରେ ଉକ୍ତ ଯୁବକ ଜଣକ ନୂଆବସଷ୍ଟାଣ୍ଡ କାଳୀମନ୍ଦିର ନିକଟସ୍ଥ ନରସିଂହ ବେହେରା ବୋଲି ଚିହ୍ନଟ କରାଯାଇଥିଲା।

**ଲୁହାଚୋରି ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ହୋଇଥିଲା ହତ୍ୟାକାଣ୍ଡ**

ଏହି ମାମଲାରେ ଗୋଷାଣୀନୂଆଗାଁ ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାବାଜୀ ତୋଟା ସାହିର ଜଗନ୍ନାଥ ବେହେରା(୩୩)। ଲୁହାଚୋରି ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଗତ ୩୦ତାରିଖ ରାତିରେ ନରସିଂହ ଓ ଜଗନ୍ନାଥ ପୁରୁଣା ଲୁହା ରଡ୍ ବିକ୍ରୟ କରିବା ପାଇଁ କମାପଲ୍ଲୀ ସ୍ଥିତ ଏକ ସ୍କ୍ରାପ୍ ଦୋକାନୀଙ୍କ ନିକଟକୁ ଏକାଠି ଯାଇଥିଲେ। ଉକ୍ତ ସାମଗ୍ରୀ ବିକ୍ରୀ କରିବା ପରେ ଉଭୟେ ହିଲପାଟଣା ସ୍ଥିତ ଏକ ପରିତ୍ୟକ୍ତ ଘରକୁ ଯାଇଥିଲେ। ସେଠାରେ ସେମାନେ ମିଶି ନିଶା ସେବନ ମଧ୍ୟ କରିଥିଲେ। ତେବେ ପରବର୍ତ୍ତି ସମୟରେ ଚୋରି ଲୁହା ବିକ୍ରି ଟଙ୍କା ଭାଗବଣ୍ଟାକୁ ନେଇ ପରସ୍ପର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନରସିଂହଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣରେ ନରସିଂହ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଜଗନ୍ନାଥ ନିକଟରେ ଥିବା ଏକ ସିମେଣ୍ଟ ଫୁଲକୁଣ୍ଡକୁ ଉଠାଇ ନରସିଂହଙ୍କ ମୁଣ୍ଡରେ ଛେଚି ଦେବାରୁ ଘଟଣାସ୍ଥଳରେ ହିଁ ନରସିଂହଙ୍କର ମୃତ୍ୟୁ ଘଟିଥିଲା।

● ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ମାମଲା

# ଏନକାଉଣ୍ଟର ହୋଇଥିବା ୨ ଅଭିଯୁକ୍ତକୁ କୋର୍ଟଚାଲାଣ

ବ୍ରହ୍ମପୁର,୧୦।୬(ସମିସ): ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ମାମଲାରେ ଏନକାଉଣ୍ଟର ହୋଇଥିବା ୨ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ହେବା ପରେ ଆଜି କୋର୍ଟଚାଲାଣ କରିଛି ଗୋପାଳପୁର ଥାନା ପୁଲିସ। ଅଭିଯୁକ୍ତ ମାନେ ହେଲେ ସରୋଜ ପଣ୍ଡା, ରଞ୍ଜନ ମଲ୍ଲିକ ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ପରେ ହତ୍ୟା କରିଥିବା ମାମଲାରେ ପୁଲିସ ଚାରି ଜଣକୁ ରିମାଣ୍ଡରେ ଆଣିଥିବା ବେଳେ ଗୁଜୁରାଟର ସରୋଜ ପଣ୍ଡା, ବଡ଼ଗଡ଼ ଥାନା ନୂଆଗାଁର ରଞ୍ଜନ ମଲ୍ଲିକ ପୁଲିସ କବଳରୁ ଖସି ଯାଉଥିବା ବେଳେ ପୁଲିସ ଉଭୟଙ୍କୁ ଏନକାଉଣ୍ଟର କରିଥିଲା। ଯାହାରି ଫଳରେ ସେମାନଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଚିକିତ୍ସାଧିନ ରହିଥିଲେ। ଆଜି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବା ପରେ ସେମାନଙ୍କୁ ଡାକ୍ତର ଡିସ୍‌ଚାର୍ଜ କରିଥିଲା। ଗୋପାଳପୁର ପୁଲିସ ଆଜି ସରୋଜ ପଣ୍ଡା, ରଞ୍ଜନ ମଲ୍ଲିକକୁ କେସ ନମ୍ବର ୨୧୩/୨୬ରେ ଆଜି କୋର୍ଟଚାଲାଣ କରିଥିବା ବେଳେ ଗିରଫ ସଂଖ୍ୟା ୧୩ ହୋଇଥିବା ପୁଲିସ କହିଛି।

**ବୃହତ୍ ବ୍ରହ୍ମପୁର ଗଠନ ଚୂଡ଼ାନ୍ତ ବିଜ୍ଞପ୍ତି**

# ବିଏମସିରେ କର୍ମଚାରୀ ଅଭାବ ଦୂର କରିବାକୁ ଦୃଷ୍ଟି ଆକର୍ଷଣ

ବ୍ରହ୍ମପୁର,୧୦।୬(ସମିସ): ବୃହତ୍ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନରେ ୧୪ଟି ପଞ୍ଚାୟତର ମିଶ୍ରଣ ସଂକ୍ରାନ୍ତ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ତଥା କର୍ପୋରେସନରେ ଅଧିକାରୀ ଓ କର୍ମଚାରୀଙ୍କ ତୁରନ୍ତ ନିଯୁକ୍ତି କରିବାକୁ ଦାବି ହୋଇଛି। ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପଦେଷ୍ଟା ଦନାର୍ଦନ ସ୍ୱାଇଁ, କାଳିନ୍ଦୀ ଚରଣ ନାୟକ, କାର୍ଯ୍ୟଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଯୋଜକ ଗୌରୀ ପ୍ରସାଦ ପଟ୍ଟନାୟକ ଏବଂ କୋଷାଧକ୍ଷ୍ୟ ଏମ୍ ଲାବଣ୍ୟ ପାତ୍ର ପ୍ରମୁଖ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଇ ମେଲ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସରକାର ବୃହତ୍ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ ଗଠନ ପାଇଁ ଯଦିଓ ପ୍ରଥମ ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ତଥାପି ଚୂଡ଼ାନ୍ତ ବିଜ୍ଞପ୍ତି ଏବେ ମଧ୍ୟ ପ୍ରକାଶ ଅପେକ୍ଷାରେ। ପ୍ରଶାସନରେ ଅଧିକାରୀ ଓ କର୍ମଚାରୀଙ୍କ ଅତ୍ୟନ୍ତ ଅଭାବ, ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ରହିଛି। ଫଳସ୍ୱରୂପ ଫାଇଲ ଚଳାଚଳ ଓ ନାଗରିକ ସେବା ବିଳମ୍ବିତ ହେଉଛି, ବୃହତ୍ ବ୍ରହ୍ମପୁର ମହାନଗର ସମ୍ପ୍ରସାରଣ ଅଧୀନରେ ବିକାଶ କାର୍ଯ୍ୟ ଧୀର ଓ ଅଧିକ ଧୀର ହେଉଛି, ଜନକଲ୍ୟାଣ ଯୋଜନା ସମୟରେ ଲୋକଙ୍କ ପାଖରେ ପହଞ୍ଚୁନାହିଁ। ଏଣୁ ବୃହତ୍ ବ୍ରହ୍ମପୁର ମହାନଗର ନିଗମ ବର୍ଦ୍ଧିତ କ୍ଷେତ୍ରାଧିକାର ଓ କାର୍ଯ୍ୟଭାର ଅନୁସାରେ ମହାନଗର ପ୍ରଶାସନରେ ପର୍ଯ୍ୟାପ୍ତ ଆଇଏଏସ/ଓଏଏସ/ସହଯୋଗୀ କ୍ୟାଡର ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି କରାଯିବାକୁ ଦାବି ହୋଇଛି। ସେହିଭଳି ବୃହତ୍ ମହାନଗର ପାଇଁ ରାଜ୍ୟ ସରକାରଙ୍କଠାରୁ ମ୍ୟାଚିଂ ଗ୍ରାଣ୍ଟ ଓ ଆର୍ଥିକ ସହାୟତା ବୃଦ୍ଧି କରିବା। ଆରଡିସିଙ୍କ ସୁପାରିଶକୁ ବିନା ବିଳମ୍ବରେ କାର୍ଯ୍ୟକାରୀ କରିବା, ଆଧୁନିକ ଓଡ଼ିଶା ଓ ବିକଶିତ ଓଡ଼ିଶା କ୍ଷେତ୍ରଗୁଡିକ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

# ଗଞ୍ଜାମ ସବ୍ ଜୁନିଅର ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଦଳର କେନ୍ଦୁଝର ଯାତ୍ରା

ବ୍ରହ୍ମପୁର,୧୦।୬(ସମିସ): ଆସନ୍ତା ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଠାରେ ହେବାକୁ ଥିବା ନିଖିଳ ଓଡ଼ିଶା ସବ ଜୁନିଅର ବାଳିକା ଓ ବାଳକ ହ୍ୟାଣ୍ଡବଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଗଞ୍ଜାମର ଉଭୟ ବର୍ଗରେ ୧୬ଜଣିଆ ଦଳ ଯାତ୍ରା କରିଛନ୍ତି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଖେଳାଳି ଏହି ଦଳରେ ସ୍ଥାନ



ପାଇଛନ୍ତି। ବାଳିକା ଦଳରେ ଆରାଧ୍ୟା ସାହୁ, ଦକ୍ଷତା ମିଶ୍ର, ଅମ୍ରିତା ନାୟକ, ପ୍ରିୟଙ୍କା ରାଣୀ ଦାସ, ସୁନାଖୀ ମହାନ୍ତି, ଦିବ୍ୟାଂଶୀ ଦାଶ, ମନୀଷା ମହାନ୍ତି, ମେଘାରାଣୀ ପୋଦେର, ଅନୁଷ୍କା ଶର୍ମା, ଦିବ୍ୟାଂଶୀ ଯୋଗୀ, କୁମାରୀ ରିଶା ସିଂ, ସ୍ୱାହା ସ୍ୱାଗତିକା ସାହୁ, ସନ୍ଧନା ସ୍ୱାତୀ, ଆଦିତି ବର୍ମା, ଇତିଶ୍ରୀ ବେହେରା ଓ ଏସ ପୂର୍ବୀ ପୃଷ୍ଟି ସ୍ଥାନ ପାଇଛନ୍ତି। ସେହିଭଳି ବାଳକ ଦଳରେ ଡି କମଲ ପାତ୍ର, ଅମନ ପିଟର, ମନୀଷ ପ୍ରଧାନ, ଶ୍ରୀରାମ ସାହୁ, ବି ଅର୍ଣ୍ଣବ କୁମାର , ସୁମିତ ସେଠୀ, କେ ରୋହିତ ଆଚାରୀ, ଶେଖର ସାହୁ, ଦେବାନଶୁ ଗୌଡ଼, ରୁଦ୍ରାଂଶ ମହାନ୍ତି, ରୋହନ ସାହୁ, ଆକାଶ ନାୟକ, ବି ରୋନକ ରାଓ, ଅଭିରାଗ ସାବତ, ଆଦିତ୍ୟ ସାହୁ ଓ ରାଜଦିପ ବୋରା ଦଳରେ ସାମିଲ ହୋଇଛନ୍ତି। ଦଳର କୋଚ ଓ ମ୍ୟାନେଜର ରୁପେ ଅଭିନାଶ ମେଦି ଏବଂ ସନ୍ଦୀପ ପାତ୍ର। ସେହିପରି ବାଳିକା ଦଳର କୋଚ ଓ ମ୍ୟାନେଜର ରୁପେ ଉତ୍ତମ ନାୟକ ଓ ପ୍ରିୟା ପାତ୍ର ଦଳ ସହ ଯାତ୍ରା କରିଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଖେଳାଳି ଖଲ୍ଲିକୋଟ କଲେଜ ଖେଳପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ ରଥଙ୍କ ଠାରୁ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି। ଜିଲ୍ଲାର ଉଭୟ ଦଳ ଭୋଲ ଖେଳ ପ୍ରଦର୍ଶନ କରିବେ ବୋଲି ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଳ, ଉପସଭାପତି ରାଜେଶ ସାହୁ, ସମ୍ପାଦକ ସୁରେଶ ପାଢି, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡାକ୍ତର ମନୋଜ ପାତ୍ରଙ୍କ ସମେତ ହ୍ୟାଣ୍ଡବଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଆଶାବ୍ୟକ୍ତ କରି ଶୁଭେଚ୍ଛା ଜଣାଇଛନ୍ତି।

# ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ କାର୍ତ୍ତିକଙ୍କୁ ଦୁଇଟି ସ୍ୱର୍ଣ୍ଣ



ବ୍ରହ୍ମପୁର,୧୦।୬(ସମିସ): ଗତ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ବେଙ୍ଗଲୁରୁ ଠାରେ ଆୟୋଜିତ ୨୬ତମ ସବ ଜୁନିଅର ଓ ଜୁନିଅର ସନ୍ତରଣ ପ୍ରତିଯୋଗିତାରେ ଗଞ୍ଜାମର ଏ. କାର୍ତ୍ତିକ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟପାଇଁ ଗୌରବ ଆଣିଛନ୍ତି। କାର୍ତ୍ତିକ ୫୦ମିଟର ଫ୍ରି ଷ୍ଟାଇଲ ଏବଂ ୫୦ମିଟର ବେକ ଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କାର୍ତ୍ତିକ ଭାଲିଆଗଡ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ଅଟନ୍ତି। ସେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଥିବା ତଥା ଆଇଆଇଏସ (ଜେଏସଡବ୍ଲୁ) ଦ୍ୱାରା ପରିଚାଳିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲର ଜଣେ ନିୟମିତ ସନ୍ତରଣକାରୀ। କାର୍ତ୍ତିକଙ୍କ ଏହି ସଫଳତାକୁ ନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ବିଳମ୍ବିତ ମୌସୁମୀ ଚିନ୍ତା, ସଜ ହୋଇନି ତଳିଘରା

## ଖରିଫ ଚାଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରହାର

ବ୍ରହ୍ମପୁର,୧୦।୬(ସମିସ)

ଗଞ୍ଜାମ ଜିଲ୍ଲା ଦୀର୍ଘ ଦିନ ଧରି ଓଡ଼ିଶାର କୃଷି ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଆସିଛି। ବିଶେଷ କରି ଖରିଫ ଋତୁରେ ଏଠାରେ ବ୍ୟାପକ ପରିମାଣରେ ଧାନ ଚାଷ ହେଉଛି। କୃଷି ଦୃଷ୍ଟିକୋଣରୁ ଏହି ଜିଲ୍ଲାକୁ କେହି କେହି ଅନ୍ନଭଣ୍ଡାର ବୋଲି ମଧ୍ୟ କହନ୍ତି। କିନ୍ତୁ ଗତ କିଛି ବର୍ଷ ଧରି ବଦଳୁଥିବା ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏହି ପାରମ୍ପରିକ କୃଷି ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଖରିଫ ଚାଷ ଆରମ୍ଭ ହେବାର ସମୟ ଧୀରେ ଧୀରେ ପଛକୁ ଘୁଞ୍ଚୁଥିବା ବେଳେ ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଓ ଚିନ୍ତା ବଢ଼ିବାରେ ଲାଗିଛି। ପୂର୍ବରୁ ଅକ୍ଷୟ ତୃତୀୟା ପରେ ପରେ ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ଧାନ ବୁଣା କାମ ଆରମ୍ଭ ହେଉଥିଲା। ଚାଷୀମାନେ ତଳିଘରା ପ୍ରସ୍ତୁତ କରି ଧାନ ବିହନ ବୁଣୁଥିଲେ। କିଛି ସପ୍ତାହ ପରେ ମୌସୁମୀ ବର୍ଷାର ଆଗମନ ସହ ବିଲରେ କାଦ କରି ଧାନ ରୁଆ ହେଉଥିଲା। ବାପା-ଜେଜେଙ୍କ ଅମଳରୁ ଚାଲି ଆସୁଥିବା ଏହି ପାରମ୍ପରିକ କୃଷି କ୍ୟାଲେଣ୍ଡର ପ୍ରାୟ ଅପରିବର୍ତ୍ତିତ ଥିଲା। କିନ୍ତୁ ଏବେ ପରିସ୍ଥିତି



ବଦଳିଯାଇଛି। ମୌସୁମୀ ବର୍ଷାର ଆଗମନରେ ବିଳମ୍ବ ଓ ବର୍ଷାର ଅନିୟମିତତା ଚାଷୀଙ୍କ ଯୋଜନାକୁ ବିପର୍ଯ୍ୟସ୍ତ କରିଛି। ଚଳିତ ବର୍ଷ ମଧ୍ୟ ମୌସୁମୀ ବର୍ଷା ବିଳମ୍ବିତ ହେବାର ଆଭାସ ମିଳୁଛି। ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସାଧାରଣତଃ ରଜ ପର୍ବ ସମୟରେ ତଳିଘରା ପ୍ରସ୍ତୁତି ଶେଷ ହୋଇଯାଏ। ବର୍ଷାକୁ ଲକ୍ଷ୍ୟ କରି ଚାଷୀମାନେ ଧାନ ବୁଣିବା କାମରେ ବ୍ୟସ୍ତ ରହନ୍ତି। ହେଲେ ଏବେ ବର୍ଷାର କୌଣସି ନିଶ୍ଚିତତା ନଥିବାରୁ ଅନେକ ଚାଷୀ ଧାନ ବୁଣା କାମ ଆରମ୍ଭ କରିବେ କି ନାହିଁ ସେନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଉଚିତ ସମୟରେ ବର୍ଷା ନ ହେଲେ ତଳି ନଷ୍ଟ ହେବା ସହ ଧାନରୁଆ ମଧ୍ୟ ବିଳମ୍ବିତ ହେବ। ଏହାର ସିଧାସଳଖ ପ୍ରଭାବ ଅମଳ ଉପରେ ପଡ଼ିବ। ଗଞ୍ଜାମ ଜିଲ୍ଲାରେ ଖରିଫ ଋତୁରେ ହଜାରେ ଏକ ହଜାରେ-ନଅ, ଶ୍ୟାମ ମଶୁରୀ, ସ୍ୱର୍ଣ୍ଣ ମଶୁରୀ ଭଳି ବିଭିନ୍ନ କିସମର ଧାନ ଚାଷ କରାଯାଏ। ଏହି ଧାନ ପ୍ରଜାତିଗୁଡ଼ିକ ସମୟାନୁକୂଳ ବର୍ଷା ଉପରେ ଅଧିକ ନିର୍ଭରଶୀଳ। ବର୍ଷା ବିଳମ୍ବିତ ହେଲେ ଚାରାର ବୃଦ୍ଧି ଓ ଉତ୍ପାଦନ ଉଭୟ ପ୍ରଭାବିତ ହୋଇଥାଏ। ଏଥିପାଇଁ ଚାଷୀମାନେ ବର୍ଷାର ପ୍ରତୀକ୍ଷାରେ ରହିଥିବା ବେଳେ ଜଳବାୟୁର ଅନିଶ୍ଚିତତା ସେମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। କୃଷି ବିଶେଷଜ୍ଞଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ପ୍ରକୃତିରେ ବଡ଼ ଧରଣର ପରିବର୍ତ୍ତନ ଆସିଛି। ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ଏବଂ ସମାନ ଭାବେ ବର୍ଷା ହେଉଥିଲା। ଏବେ କେତେବେଳେ ଅତ୍ୟଧିକ ବର୍ଷା ହେଉଛି ତ ଆଉ କେତେବେଳେ ଦୀର୍ଘ ସମୟ ଧରି ବର୍ଷା ହେଉନି। ଏହି ଅସ୍ୱାଭାବିକ ପାଣିପାଗ କୃଷିକୁ ଅଧିକ ବିପଦଗାମୀ କରିଦେଇଛି। ତେଣୁ ଚାଷୀମାନେ ଜଳ ସଂରକ୍ଷଣ, ବିକଳ୍ପ ଫସଲ ଓ ଖରା ସହନଶୀଳ ଧାନ ପ୍ରଜାତି ଉପରେ ଗୁରୁତ୍ୱ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଅନ୍ୟପଟେ ଗତ କିଛି ବର୍ଷ ହେବ ଜିଲ୍ଲାରେ ଧାନ ସହ ତୈଳବୀଜ ଚାଷର କ୍ଷେତ୍ରଫଳ ମଧ୍ୟ କମିବାରେ ଲାଗିଛି। ଜଳସେଚନର ବ୍ୟବସ୍ଥା ନଥିବା, ଚାଷ ଖର୍ଚ୍ଚ ବୃଦ୍ଧି, ଶ୍ରମିକ ଅଭାବ ଏବଂ ଅନିଶ୍ଚିତ ପାଣିପାଗ ଏଥିପାଇଁ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏହା ସହ ବର୍ଷା ନ ହେଲେ ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ଡ୍ୟାମଗୁଡ଼ିକରେ ଜଳ ସଂରକ୍ଷଣ ମଧ୍ୟ ପ୍ରଭାବିତ ହେବ। ଫଳରେ କେବଳ ଖରିଫ ନୁହେଁ, ରବି ଚାଷ ମଧ୍ୟ ସଙ୍କଟରେ ପଡ଼ିପାରେ। ଗଞ୍ଜାମର ଅର୍ଥନୀତିର ମୂଳ ଆଧାର କୃଷି। ହଜାର ହଜାର ପରିବାର ସିଧାସଳଖ ଭାବେ ଏହା ଉପରେ ନିର୍ଭର କରୁଛନ୍ତି। ତେଣୁ ସମୟୋପଯୋଗୀ ବର୍ଷା ଓ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ମୌସୁମୀ ବର୍ଷାର ବିଳମ୍ବ ଯଦି ଦୀର୍ଘସ୍ଥାୟୀ ହୁଏ, ତେବେ ଏହା କେବଳ ଚାଷୀଙ୍କ ଜୀବିକା ନୁହେଁ, ଜିଲ୍ଲାର ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ। ଏବେ ସମସ୍ତଙ୍କ ନଜର ଆକାଶ ଉପରେ। ଚାଷୀ ଆଶା କରୁଛି, ଠିକ୍ ସମୟରେ ବର୍ଷା ଆସିବ ଏବଂ ଗଞ୍ଜାମର ସବୁଜ ଧାନ କ୍ଷେତ ପୁଣିଥରେ ସମୃଦ୍ଧିର କାହାଣୀ ଲେଖିବ।

ସକାଳ THE SAKALA



## ସ୍ନାୟୁ ଶଲ୍ୟ ଚିକିତ୍ସକଙ୍କୁ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ଦିଗପହଣ୍ଡି,୧୦।୬(ସମିସ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ସ୍ନାୟୁ ଶଲ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଚିକିତ୍ସକଙ୍କ ସମେତ ଅନ୍ୟ ସମସ୍ତ ଚିକିତ୍ସକମାନଙ୍କୁ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥଙ୍କ ମସ୍ତିଷ୍କରେ କରାଯାଇଥିବା ବିରଳ ଏବଂ ସଫଳ ଅସ୍ତ୍ରୋପଚାର ପରେ ବିଭାଗୀୟ ଡାକ୍ତରୀ ଟିମ୍‌କୁ କୃତଜ୍ଞତା ଜ୍ଞାପନ ସ୍ୱରୂପ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘର ସଭାପତି ହୃଦୟ ରଞ୍ଜନ ମେକାପ, ପ୍ରାକ୍ତନ ସଭାପତି ଚନ୍ଦ୍ରଧ୍ୱଜ ସିଂହ, ପ୍ରାକ୍ତନ ସମ୍ପାଦକ ପ୍ରଦୀପ କୁମାର ନାୟକ, ସିମାଞ୍ଚଳ ପ୍ରଧାନ, ବିଜୟ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିବା ବେଳେ ସ୍ନାୟୁ ଶଲ୍ୟ ବିଭାଗୀୟ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡା. ରବିନାରାୟଣ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ଡା. ଦେବଦତ୍ତ ସେନାପତି, ଡା. ତୁଷାର କାନ୍ତ ରଥ, ଡା. ଦେବଶ୍ରୀ ମହାରଣା ଏବଂ ଡା. ପି. ହରି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## କେଶପୁର ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ




ଖଲ୍ଲିକୋଟ,୧୦।୬(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ପଂଚାୟତରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ଅଭିଯାନ। ସପ୍ତାହର ପ୍ରତ୍ୟେକ ମଙ୍ଗଳବାର ଦିନ ଜିଲ୍ଲାର ପ୍ରତ୍ୟେକ ବ୍ଲକର ଗୋଟିଏ ପଞ୍ଚାୟତରେ ଏହି ଅଭିଯାନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହ ସଫା ସୁତୁରା କରାଯିବ। ଖଲ୍ଲିକୋଟ ବ୍ଲକର କେଶପୁର ପଞ୍ଚାୟତରେ ଏହି ଅଭିଯାନ ଆଜି ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପିଡି ସମିର କୁମାର ଜେନା, ଆଇ ଏ ଏସ ପ୍ରୋବେସନାଲ ସରନ୍ୟା ଏସ, ବିଡ଼ିଓ ଦେବାଶିଷ ସାମଲ, ବିପିଏମ କାଦମ୍ବିନୀ ନାୟକ, ଜିପିଇଓ ପବନେଶ୍ୱର ବେହେରା, ସରପଞ୍ଚ ବିଚିତ୍ର ଜାଲ୍ଲୀ ସମେତ ଅନ୍ୟାନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। କେଶପୁର ଗ୍ରାମର ପଂଚାୟତ କାର୍ଯ୍ୟାଳୟ ଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ସଫା କରାଯାଇଥିଲା।

## ତହସିଲଦାରଙ୍କ ବଦଳି ସହିତ ଅନ୍ୟାନ୍ୟ ଦାବିରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଛତ୍ରପୁର, ୧୦।୬(ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ତହସିଲଦାରଙ୍କୁ ତୁରନ୍ତ ବଦଳି କରିବା ସହିତ ଅନ୍ୟାନ୍ୟ ଦାବୀ ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ହିଞ୍ଜିଳିକାଟୁ କଂଗ୍ରେସ ଦଳର ବିଧାନସଭା ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀ। ସେ ଅଭିଯୋଗ କରିଛନ୍ତି ଯେ, ଯେଉଁଦିନ ଠାରୁ ହିଞ୍ଜିଳିକାଟୁ ତହସିଲଦାର ଜଏନ କରିଛନ୍ତି କେବଳ ଦୁର୍ନୀତି ହିଁ କରିଆସିଛନ୍ତି। ଏଣୁ ଏହିଭଳି ଦୁର୍ନିତୀଗ୍ରସ୍ତ ଅଫିସରଙ୍କୁ ତୁରନ୍ତ ଏହି ସ୍ଥାନରୁ ବଦଳି – କରି କୂଳଘାଇକୁ ସୂରକ୍ଷା କରିବାସହ ସାଧାରଣ ଜନତାଙ୍କ ଧନଜୀବନ ରକ୍ଷା କରନ୍ତୁ। ନଚେତ ଆସନ୍ତା ଜୁଲାଇ ୨୫ ତାରିଖଠାରୁ ଧାରଣା ଦିଆଯିବ ବୋଲି ସେ ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଛତ୍ରପୁର ପୌରପରିଷଦର ଅଧ୍ୟକ୍ଷାଙ୍କ ଅକାଳ ବିୟୋଗ



ଛତ୍ରପୁର ୧୦/୬(ସମିସ): ଛତ୍ରପୁର ପୌର ପରିଷଦର ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅକାଳରେ ବିୟୋଗ ଘଟିଛି। ସେ ଗତ ଏକ ମାସରୁ ଅଧିକ ଦିନ ଧରି ଅସୁସ୍ଥ ଥିଲେ। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ଅବସ୍ଥାରେ ବୁଧବାର ତାଙ୍କ ବିୟୋଗ ଘଟିଛି। ଯାହାକୁ ନେଇ ଛତ୍ରପୁର ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ଛତ୍ରପୁର ଚର୍ଚ୍ଚ ରୋଡ଼ ନିବାସୀ ଯୁବ ନେତା କେ. ଚନ୍ଦ୍ର ଶେଖର ରେଡ୍ଡୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ଶର୍ମିଷ୍ଠାଙ୍କ ବିୟୋଗରେ ସହରର ସମସ୍ତ ରାଜନୈତିକ ବ୍ୟକ୍ତି ବିଶେଷ, ସମାଜସେବୀ, କାଉନସିଲର ତଥା ଜନ ସାଧାରଣ ମାନେ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କର ଗୋଟିଏ ପୁଅ ରହିଛି। ସେ ଭାରତୀୟ ଜନତା ପାର୍ଟିରୁ ଛତ୍ରପୁର ଏନଏସି ଅଧ୍ୟକ୍ଷା ପଦବୀ ନିମନ୍ତେ ସିଧାସଳଖ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଗତ ୨୦୨୨ ମସିହା ମାର୍ଚ୍ଚ ମାସ ୩୦ ତାରିଖ ଦିନ ଛତ୍ରପୁର ଏନଏସି ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଥିଲେ।

### କନିଷ୍ଠ ତହସିଲଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

## ତହସିଲ୍ ଅଫିସ ଆଗରେ ଧାରଣା ଦେଲେ ସମିତିସଭ୍ୟ ଓ ଦିବ୍ୟାଙ୍ଗ ଯୁବତୀ

ରଙ୍ଗେଇଲୁଣ୍ଡା,୧୦।୬(ସମିସ): ଗଞ୍ଜାମ ଜିଲ୍ଲା କନିଷ୍ଠ ତହସିଲଦାରଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ କରି ବୁଧବାର ହଳଦିଆପଦର ସମିତି ସଭ୍ୟ କେ. ପ୍ରବୀଣ କୁମାର ଙ୍କ ସମେତ ଜଣେ ଦିବ୍ୟାଙ୍ଗ ଯୁବତୀ ଟୁନି ବେହେରା ପ୍ରମୁଖ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଶେଷରେ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଆସନ୍ତା ୧୫ ଦିନ ମଧ୍ୟରେ ଦିବ୍ୟାଙ୍ଗ ଯୁବତୀଙ୍କୁ ସରକାରୀ ନିତି ଅନୁଯାୟୀ ସରକାରୀ ଜମି ପ୍ରଦାନ କରିବାକୁ ସମସ୍ତ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଉଭୟେ ଧାରଣା ରୁ ଓହରିଥିଲେ। ଅଭିଯୋଗ ଅନୁଯାୟୀ ୨୦୨୪ ମସିହା ଡିସେମ୍ବର ମାସରେ କନିଷ୍ଠ ତହସିଲଦାର କବିରାଜ ପ୍ରଧାନ ଙ୍କ ପକ୍ଷରୁ ହଳଦିଆ ପଦର ପଞ୍ଚାୟତର ହଳଦିଆ ପଦରରେ ଜବରଦଖଲରେ ରହିଥିବା ସରକାରୀ ଜମିକୁ ଉଚ୍ଛେଦ ପାଇଁ ନୋଟିସ ଜାରୀ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅଢେଇ ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନଥିଲା। ଏହା ନେଇ ତହସିଲ କାର୍ଯ୍ୟାଳୟକୁ ପ୍ରବୀଣ କୁମାର ବାରମ୍ବାର ଯାଇ ଅଭିଯୋଗ କରିଥିଲେ ମଧ୍ୟ ତହସିଲଦାର କୌଣସି ଗୁରୁତ୍ୱ ଦେଇ ନଥିଲେ। ଯାହାକୁ ନେଇ ବାଧ ହୋଇ ଆଜି ଏହାର ପ୍ରତିବାଦରେ ପ୍ରବୀଣ କୁମାର ଧାରଣା ଦେଲେ ବୋଲି ମତପୋଷଣ କରିଛନ୍ତି। ଏହା ସହ ହଳଦିଆପଦର ପଞ୍ଚାୟତରେ ଥିବା ସରକାରୀ ଜାଗା ଚିହ୍ନଟ କରି ଗ୍ରାମରେ ଥିବା ଭୂମି ହୀନ ମାନଙ୍କୁ ପ୍ରଦାନ ପାଇଁ ତହସିଲଦାରଙ୍କୁ ନିବେଦନ କରିଥିଲେ ସୁଦ୍ଧା ତହସିଲଦାର ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଘର ନଥିବା ପରିବାରଙ୍କୁ ଜମି ଦେବା ବଦଳରେ ବିଦ୍ୟୁତ ବିଭାଗକୁ ଜମି ପ୍ରଦାନ କରିଦେଲେ। ଏହା ସହ ଦିବ୍ୟାଙ୍ଗ ଯୁବତୀ ଟୁନି ମଧ ଗତ ୧୦ ବର୍ଷ ଧରି ତାକୁ ସରକାରୀ ଯୋଜନାରେ ଘର ନିର୍ମାଣ ନିମନ୍ତେ ଅନେକ ଥର ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ସହ କନିଷ୍ଠ ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କରି ଆସୁଥିଲେ ମଧ ତହସିଲଦାର ଏଥିପ୍ରତି କର୍ଣ୍ଣପାତ କରୁନଥିଲେ। ଯାହା ଫଳରେ ସେ ବାଧ ହୋଇ ଧାରଣା ଦେଇଥିଲେ ବୋଲି ମତପୋଷଣ କରିଛନ୍ତି।

## ନୂଆଗଡ଼ରେ ଜୁନିୟର ଏନ୍‌ପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବେଗୁନିଆପଡ଼ା,୧୦।୬(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ନୂଆଗଡ ସ୍ଥିତ ଶ୍ରୀ ଶ୍ରୀ ବାବା ଗୁପ୍ତେଶ୍ୱର ଖେଳ ପଡିଆ ଠାରେ ମଙ୍ଗଳବାର ଦିନ ଜୁନିୟର ଏନ୍ ପି ଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶ୍ରୀମତୀ ନିଳେନ୍ଦ୍ରି ସେଠୀ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଶୁଭ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ଭୂୟାଁ, ଅଭିମନ୍ୟୁ ଭୂୟାଁ, ସମବାୟ ବ୍ୟାଙ୍କ ସମ୍ପାଦକ ବସନ୍ତ କୁମାର ଭୂୟାଁ, ନୂଆଗଡ କାଳଞ୍ଜି କୁଲ କମିଟି ସଭାପତି ଆରତ ବେହେରା, ସମାଜସେବି ଶଙ୍କର ମହାପାତ୍ର, ମୁରଲୀ ଭୂୟାଁ, ଧୋବା ଭୂୟାଁ, ସନ୍ତୋଷ କୁମାର ସେଠୀ, ଅଭିମନ୍ୟୁ ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ମହାରଣା, ଅମୂଲ୍ୟ ବେହେରା, ଉପସଭାପତି ନିରଞ୍ଜନ ଭୂୟାଁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଜିର ଉଦଘାଟିନ ମ୍ୟାଚ୍ ୮ ଓଭର୍ ବିଶିଷ୍ଟ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍ ପ୍ରାଇମ ଆଲ୍ଫା ଏବଂ ଗେମ୍ ଚେଞ୍ଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଟାଇଗର-୧୧ ଓ ପ୍ରାଇମ ଆଲ୍ଫା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଧୀରେନ୍ଦ୍ର ପ୍ରଧାନ ପରିଚାଳନାରେ ସହଯୋଗ କରିଥିବା ବେଳେ ବବୁଲ, ବିନୋଦ, ସିଦ୍ଧାନ୍ତ, ଚିଣ୍ଟୁ ,ପରମେଶ୍ୱର, ଆଦର୍ଶ, କାହ୍ନୁ। ସମେତ ଅନ୍ୟ କ୍ରୀଡାବିତ୍ ମାନେ ଉପସ୍ଥିତ ରହିବା ସହ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ ସହିଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ

ଦିଗପହଣ୍ଡି,୧୦।୬(ସମିସ) ଗଞ୍ଜାମ ଜିଲ୍ଲାର ପ୍ରମୁଖ ଶକ୍ତିପୀଠ ମା ' ମହୁରୀ କାଳୁଆ ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ଏବଂ ମହାନ ଜନଜାତି ନାୟକ ସହିଦ୍ ବିର୍ସା ମୁଣ୍ଡାଙ୍କ ବଳିଦାନ ତଥା ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଭାଜପା ଗଞ୍ଜାମ ଜିଲା ସଭାପତି ସରୋଜ ସାବତ, କୁକୁଡାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, କୁକୁଡାଖଣ୍ଡି ବ୍ଲକ ଏମ.ପି ପ୍ରତିନିଧି ସନ୍ତୋଷ ଚୌଧୁରୀ, କାର୍ଯ୍ୟକର୍ତ୍ତା ଲଳିତ ବିଷୋୟୀ, ଏ . ନନ୍ଦକିଶୋରଙ୍କ ସମେତ ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ଏମ୍. ସନ୍ତୋଷ , କେ . ନରସିଂହ ପାତ୍ର , ସୁଦାମ ବେହେରା, ମିଟୁ ଦୋରା , ଅରୁଣ ଗୌଡ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଗର କୁମାର ପାତ୍ର ସଂଯୋଜନା କରିଥିବା ବେଳେ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଲେରୀ ହାଇସ୍କୁଲ ନୂତନ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ

ଭଞ୍ଜନଗର,୧୦।୬ (ସମିସ): ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଭଞ୍ଜନଗର ପୌର ପରିଷଦ ତଥା ଏହି ବ୍ଲକର ସମସ୍ତ ହାଇସ୍କୁଲକୁ ଇତି ମଧ୍ୟରେ ମିଳିଛି ନିୟମିତ ପ୍ରଧାନ ଶିକ୍ଷକ। ବ୍ଲକ ର କୁଲାଡ କବିସମ୍ରାଟ ବିଦ୍ୟାପୀଠର ବରିଷ୍ଠ ସହକାରୀ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ ପଦୋନ୍ନତି ପାଇ ଏଠାରେ ହିଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ମୁଜାଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଭାବେ ପି. କୁନିଆମ୍ମା ଦୋରା ନିଯୁକ୍ତି ପାଇଥିବା ବେଳେ ଗାଲେରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଉମାକାନ୍ତ ନାହକ, ବଡକୋଦଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ ମନୋରଞ୍ଜନ ପଣ୍ଡା, ଇନ୍ଦାଗଡ ହାଇସ୍କୁଲ ସଚିଦାନନ୍ଦ ପ୍ରଧାନ, ରିପିଟିପଲ୍ଲୀ ହାଇସ୍କୁଲ ଟିକିନା ପ୍ରଧାନ, ବାଇବାଲି ହାଇସ୍କୁଲ ନିବେଦିତା ପଟ୍ଟନାୟକ, ସାଗରିକା ପ୍ରଧାନ ଦୋମୁହାଁଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ବେଳେ ଭଞ୍ଜନଗର ସହରର ସୋମନାଥ ସରକାରୀ ଅଭ୍ୟାସ ମୌଳିକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଗୌରୀ ନନ୍ଦନ ହୋତା ଓ ଶ୍ରୀବତ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଗୀତାଞ୍ଜଳି ପ୍ରଧାନ ନୂତନ ନିଯୁକ୍ତି ପାଇଛନ୍ତି।

ଇତିମଧ୍ୟରେ ଗାଲେରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଉମାକାନ୍ତ ନାହାକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଭଞ୍ଜନଗର ସ୍ଥିତ ପି.ଏମ.ଶ୍ରୀ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ଗତ ୨ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶ ଅନୁସାରେ ପଦୋନ୍ନତି ପାଇ ଏହିସବୁ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ ପଦୋନ୍ନତି ପାଇଥିବା ଜଣାପଡିଛି। ଗାଲେରୀ ଉଚ୍ଚ ବିଦ୍ୟାଳୟ ଗଞ୍ଜାମ ଜିଲ୍ଲାର ଅନ୍ୟତମ ପୁରାତନ ବିଦ୍ୟାଳୟ। ଉପାନ୍ତ ଅଞ୍ଚଳରେ ଅବସ୍ଥିତ ହେଲେ ସୁଦ୍ଧା ବହୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ବିଦ୍ୟାଳୟ ତିଆରି କରିଛି। ଏନଇପି ୨୦୨୦ ଅନୁସାରେ ଶିକ୍ଷାର ଗୁଣବତ୍ତାକୁ ସୁନିଶ୍ଚିତ କରିବା ଓ ବିଦ୍ୟାଳୟ ପରିବେଶ ସ୍ୱଚ୍ଛତା ପ୍ରତି ସେ ଗୁରୁତ୍ୱ ଦେବେ ବୋଲି ନାହକ ନିଜ ପ୍ରତିକ୍ରିୟାରେ କହିଛନ୍ତି। ନୂତନ କାର୍ଯ୍ୟଭାର ଗ୍ରହଣ ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ, ସନ୍ତୋଷ କୁମାର ଜେନା, ପ୍ରଧାନ ଶିକ୍ଷକ ଗୌରୀନନ୍ଦନ ହୋତା, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କେଦାରନାଥ ସେଠୀ ପ୍ରମୁଖ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୧୫ରେ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ଛତ୍ରପୁର, ୧୦।୬ (ସମିସ): ସମାଜକୁ ବରିଷ୍ଠ ନାଗରିକଙ୍କ ଅଧିକାର, ସମ୍ମାନ ତଥା କଲ୍ୟାଣ ଦିଗରେ ଛତ୍ରପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଆସନ୍ତା ୧୫ ତାରିଖ ଦିନ "ବିଶ୍ୱ ବରିଷ୍ଠ ନାଗରିକ ସଚେତନତା ଦିବସ" ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ସହରର ବରିଷ୍ଠ ନାଗରିକଙ୍କ ମର୍ଯ୍ୟାଦା, ସଶକ୍ତୀକରଣ ଦିଗରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ତାଲୁକ ଆଇନ୍ ସେବା କମିଟି କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ସାମଲ ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ଜାତୀୟ ଆଇନ୍ ସେବା ପ୍ରାଧୀକରଣ ଦ୍ୱାରା ଅନ୍ତର୍ଭୁକ୍ତ "ଜାଗୃତି - ୨୦୨୫" ଯୋଜନା ଅନୁଯାୟୀ ବରିଷ୍ଠ ନାଗରିକଙ୍କ ଅଧିକାର, କଲ୍ୟାଣ ଏବଂ ସୁରକ୍ଷା ଉପରେ ଆଲୋଚନା ହେବା ସହ ସଚେତନତା ବାର୍ତ୍ତା ଦିଆଯିବ। ଉକ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ପବ୍ଲିକ୍ ସ୍କୁଲର ସଭାଗୃହ ପରିସରରେ ଅନୁଷ୍ଠିତ କରିବାକୁ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଧାର୍ଯ୍ୟ କରାଯାଇଛି।

## ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା: ୨ ମହିଳା ଗିରଫ

ଦିଗପହଣ୍ଡି,୧୦।୬(ସମିସ): ଦିଗପହଣ୍ଡି ପୁଲିସ ଗୋକର୍ଣ୍ଣପୁର ଗ୍ରାମ ବଡ଼ ସାହିର ଝୁନୁ ସେଠୀ ଓ ବୁଧି ସେଠୀ ୨ ଯାଆଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମେ ୧୯ ତାରିଖ ପୂର୍ବାହ୍ନ ପ୍ରାୟ ୧୦ ଟାରେ ଗ୍ରାମର ଡ଼ି. ବିଜୟ ଗାଁ ନିକଟ ପୋଖରୀକୁ ଗାଧୋଇବା ପାଇଁ ଯାଉଥିବା ବେଳେ ତାଙ୍କ ପଡୋଶୀ କୀର୍ତ୍ତନ ସେଠୀ ଙ୍କ ପୁଅ ଦୀପକ ଏବଂ ମୁଖା ପିନ୍ଧିଥିବା ତାଙ୍କ ଦୁଇ ସହଯୋଗୀ ଏକ ବାଇକରେ ପୋଖରୀ ନିକଟରେ ପହଞ୍ଚିଥିଲେ। ସେମାନେ ବିଜୟଙ୍କୁ ପୋଖରୀ ହିଡ ରେ ଅଟକାଇ ଅଶ୍ଳିଳ ଭାଷା ରେ ଗାଳି କରିଥିଲେ। ପ୍ରତିବାଦ କରିବାରୁ ଦୀପକ ଏକ କାତିରେ ବିଜୟଙ୍କ ବେକକୁ ଲକ୍ଷ୍ୟ କରି ଚୋଟ ପକାଇଥିଲେ। ବିଜୟ ତାଙ୍କ ବାମ ହାତରେ ଆଗୁଳି ଦେବାରୁ କାତି ଚୋଟରେ ହାତକୁ ଗଭୀର ଆଘାତ ଲାଗିଥିଲା। ସେ ପ୍ରାଣ ବିକଳରେ ପୋଖରୀକୁ ଡେଇଁ ପଡ଼ିବାରୁ ଦୀପକ ଓ ତାଙ୍କ ଦୁଇ ସହଯୋଗୀ ଧମକ ଦେଇ ସେଠାରୁ ପଳାଇଥିଲେ। ବିଜୟ ଘରକୁ ଫେରୁଥିବା ବେଳେ ଦୀପକ ଙ୍କ ବାପା କୀର୍ତ୍ତନ,ମା ଝୁନୁ, ଭାଇ ଶଙ୍କର, ଦାଦା ନରହରି, ଖୁଡି ବୁଧି ତାଙ୍କୁ ପୁଣି ରାସ୍ତାରେ ଅଟକାଇ ସଂଘବଦ୍ଧ ଭାବେ ମରଣାନ୍ତକ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ବିଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ କମଳାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସମ୍ପର୍କୀୟ ଲୋକଙ୍କ ସହାୟତାରେ କମଳା ସ୍ୱାମୀଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସ୍ତ୍ରୀ କମଳା ଦିଗପହଣ୍ଡି ଥାନାରେ ପହଞ୍ଚି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାନଙ୍କ ନାଁରେ ମକଦ୍ଦମା ରୁଜୁ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଆଇଆଇସି କିଶୋର କୁମାର ସାମଲ ଘଟଣାର ପରଦିନ ଜଣେ ଅଭିଯୁକ୍ତ ନରହରି ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ୧୬ବର୍ଷରୁ କମ୍ 'ସିଏମ୍ ଟ୍ରଫି' କବାଡ଼ି ଚାମ୍ପିଅନସିପ୍ ଉଦ୍‌ଯାପିତ





ବ୍ରହ୍ମପୁର,୧୦।୬(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ଓ ବାଳିକା ପ୍ରଥମ ସିଏମ କପ୍ କବାଡି ଚାମ୍ପିୟନସିପ ଉଦ୍‌ଯାପିତ ହୋଇଯାଇଛି। ଉଭୟ ବାଳକ ଓ ବାଳିକା ବର୍ଗରେ ହୋଇଥିବା ଦନୁଇଟି ଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ମ୍ୟାଚ ବାଳକ ବର୍ଗରେ ବାଲେଶ୍ୱର ଓ ସୁନ୍ଦରଗଡ ମଧ୍ୟରେ ଖେଳାଯାଇଥିଲା। ସୁନ୍ଦରଗଡ଼କୁ (୪୯-୪୫) ପଏଣ୍ଟ ବ୍ୟବଧାନରେ ବାଲେଶ୍ୱର ଦଳ ପରାସ୍ତ କରି ପ୍ରତିଯୋଗିତାର ଚାମ୍ପିଆନ ହୋଇଥିଲା। ସେହିଭଳି ପ୍ରତିଯୋଗିତାର ବାଳିକା ବର୍ଗରେ ପୁରୀ ଓ ଗଞ୍ଜାମ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ଏଥିରେ ଆୟୋଜକ ଗଞ୍ଜାମକୁ (୪୪-୪୮) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ପୁରୀ ଦଳ ଚାମ୍ପିଆନ ହୋଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା କବାଡି ସଂଘର ସମ୍ପାଦକ ଅଜୟ ବେହେରାଙ୍କ ସମେତ ଅନ୍ତରାଷ୍ଟ୍ରୀୟ ମହିଳା କବାଡି ଖେଳାଳୀ ଜୟଶ୍ରୀ ସ୍ୱାଇଁ, ଓଡିଶା କବାଡି ସଂଘର ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ଜେନା, ଚିଫ୍ ଟେକ୍ନିକାଲ ଅଧିକାରୀ ପୃଥ୍ୱୀରାଜ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ଓ ଓଡିଶା ଅଲମ୍ପିକ ସଂଘର ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ, କେଦାରନାଥ ଚୌଧୁରୀ, ଦୁର୍ଗା ପଟ୍ଟନାୟକ, ଡ଼ି. ଡ଼ି ଗନ୍ତାୟତ, ଭାଗିରଥୀ ସ୍ୱାଇଁ, ଡ଼ି. ବାବୁ ରାଓ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା, ବିଜୟ କୁମାର ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ସୀତାରାମ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ବାଳକ ବର୍ଗରେ ସୁନ୍ଦରଗଡ ଦଳର ସୁଦେଶ ଦଳେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇ ନଗଦ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପାଇଥିବା ବେଳେ ଚାମ୍ପିଆନ ବାଲେଶ୍ୱର ଦଳର ଖେଳାଳୀ ପ୍ଲେୟର ଅଫ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ୧୫ହଜାର ଟଙ୍କାର ପୁରସ୍କାର ରାଶି ପାଇଥିଲେ। ସେହିଭଳି ବାଳିକା ବର୍ଗରେ ଗଞ୍ଜାମର କରିସ୍ମା ପାତ୍ର ମ୍ୟାନ ଅଫ ଦ ମ୍ୟାଚ ଓ ଚାମ୍ପିଆନ ପୁରୀ ଦଳର ଖେଳାଳୀ ରୁପାଲୀ ପ୍ରଧାନଙ୍କୁ ଯଥାକ୍ରମେ ୧୦ହଜାର ଓ ୧୫ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଉଭୟ ବର୍ଗରେ ଚାମ୍ପିଆନ ଦଳକୁ ଟ୍ରଫି ସହିତ ନଗଦ ଏକ ଲକ୍ଷ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ୭୫ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା।

- ବାଳିକା ବିଭାଗରେ 'ପୁରୀ' ଏବଂ ବାଳକ ବିଭାଗରେ 'ବାଲେଶ୍ୱର' ଚାମ୍ପିଅନ
- ବିଜେତା ଦଳକୁ ୧ଲକ୍ଷ ଏବଂ ଉପ ବିଜେତାକୁ ୭୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ

### ● କେନ୍ଦ୍ରରେ ବିଜେପି ସରକାରର ୧୨ ବର୍ଷ ପୂର୍ତ୍ତି

## ଖଇରପୁଟି ହନୁମାନ ମନ୍ଦିରରେ ବିଧାୟକଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ବେଲଗୁଣ୍ଠା,୧୦।୬(ସମିସ): ଆଜି ସୋରଡ଼ା ବିଧାନସଭା କ୍ଷେତ୍ରର ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁର ମଣ୍ଡଳ ପକ୍ଷରୁ ଖଇରପୁଟି ଠାରେ ଥିବା ହନୁମାନ ମନ୍ଦିରରେ କେନ୍ଦ୍ରରେ ବିଜେପି ସରକାରର ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହିତ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ ଦେଶର ଉନ୍ନତି,ସମୃଦ୍ଧି ଓ ଜନକଲ୍ୟାଣ ପାଇଁ ପ୍ରଭୁଙ୍କ ପାଖରେ ଗୁହାରୀ ଜଣାଇଥିଲେ। ଆଜି ସକାଳ ୬ ଘଣ୍ଟା ତିରିଶି ମିନିଟ୍ ସମୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ହନୁମାନ ମନ୍ଦିରରେ ପହଞ୍ଚିବା ପରେ ଖଇରପୁଟି ସରପଞ୍ଚ ସତ୍ୟବାନ୍ ସ୍ୱାଇଁ ବିଧାୟକ ଶ୍ରୀ ବିଷୋୟୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଂଗଠକ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ।



## ଦୁଆରବଗଡ଼ ରାସ୍ତା ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର, ୧୦।୬(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜ୍ୟ ରାଜପଥ–୩୦ ଠାରୁ ଦୁଆରବଗଡ ସଂଯୋଗକାରୀ ରାସ୍ତାର ଉନ୍ନତୀକରଣ ପାଇଁ ରିଶିପୁର ଠାରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ମିଳିବା ପରେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୯ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି। ତେବେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ବିଧାୟକ ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଧାୟକ ରିଶିପୁର ପଞ୍ଚାୟତର ସାମନ୍ତବଗଡ ଗ୍ରାମ ପରିଦର୍ଶନ କରିଥିଲେ। ସେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା–ଅସୁବିଧା ବିଷୟରେ ଅବଗତ ହେବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି।



## ଡାବୁଡ଼କା ଘାଟିରେ ଲୁଟ୍; ୫ ଗିରଫ



ବାଲିଗୁଡା,୧୦।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତର ଡାବୁଡକା ଘାଟିରେ ହୋଇଥିବା ଲୁଟ୍ ଘଟଣାରେ ବାଲିଗୁଡ଼ା ପୁଲିସ ୫ଜଣ ଲୁଟିଆଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ପ୍ରକାରେ ବିହାର ରାଜ୍ୟ ଔରଙ୍ଗାବାଦ ଜିଲା କାଞ୍ଚାପୁର ଗ୍ରାମର ଅଜୟ କୁମାର ଯାଦବ ଏବଂ ତାଙ୍କ ମ୍ୟାନେଜର ମିଥୁନ ଗୁପ୍ତା ୭ ତାରିଖ ପୂର୍ବାହ୍ନ ୧୧ଟାରେ ବଲାଙ୍ଗୀର ଯାଉଥିଲେ। ଏହି ସମୟରେ ବାଲିଗୁଡା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତର ଡାବୁଡକା ଘାଟିରେ ହଠାତ ଦୁଇଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ପହଞ୍ଚି ସେମାନଙ୍କ ବାଇକ୍ ଅଟକାଇ ନଗଦ ୨୦ହଜାର ଟଙ୍କା ଏବଂ ମୋବାଇଲ ଛଡାଇ ନେଇଥିଲେ। ଅଜୟ ଏବଂ ମିଥୁନ୍ ଦୁଇଜଣ ଘାଟିରୁ ବଡ କଷ୍ଟରେ ବାରଖମା ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ କହିଥିଲେ। ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ କରି ୫ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଅଜିତ ସାହୁ ଘର ଯୁବ ବଲାଙ୍ଗୀର ଜିଲା, ରାଜନାଥ ଅମାତ ଗାଁ ଦେଓଗାଁ ଜିଲା ସମ୍ବଲପୁର, ଆଶିଷ ପୁଟେଲ ଗାଁ ଯୁବ ଜିଲା ବଲାଙ୍ଗୀର, ରୀତିକ ଖମାରି ସୋନପୁର ଜିଲା ଓ ଶିବ ପଟେଲ ଗାଁ ମାୟାବମା ଜିଲା ସୋନପୁର। ଏମାନଙ୍କ ଠାରୁ ୨୦ହଜାର ଟଙ୍କା,୩ଟି ବାଇକ୍, ୫ଟି ମୋବାଇଲ ଜବତ ହୋଇଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଶିବାରଞ୍ଜନ ସିଂଘା ସୂଚନା ଦେଇଛନ୍ତି।

## ଟ୍ରାକ୍ଟରରୁ ପଡ଼ି ବାଳକ ମୃତ



ବ୍ରାହ୍ମଣୀଗାଁ, ୧୦।୬ (ସମିସ): ଦାରିଙ୍ଗବାଡ଼ି ବ୍ଲକସ୍ଥିତ ତାଯୁଙ୍ଗି ଗ୍ରାମ ପଞ୍ଚାୟତରୁ ଗୋଟେ ଟ୍ରାକ୍ଟର ମହାଗୁଡ଼ି ଗ୍ରାମକୁ କୌଣସି କାମ ପାଇଁ ଯାଉଥିଲା ତାଯୁଙ୍ଗି ଗ୍ରାମର ଗ୍ରେସ ମଲ୍ଲିକ (୧୫) ମହାଗୁଡ଼ିରେ ଏକ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଅନୁରୋଧ କ୍ରମେ ସେହି ଟ୍ରାକ୍ଟରରେ ଚଢ଼ିଥିଲେ। ରାସ୍ତାଟି ବିପଦ ସଙ୍କୁଳ ହୋଇଥିବାରୁ ଦୁର୍ଭାଗ୍ୟବଶତଃ ଚଳନ୍ତା ଟ୍ରାକ୍ଟରରୁ ତଳକୁ ପଡ଼ି ଆହତ ହୋଇଥିଲେ। ଚିକିତ୍ସା ପାଇଁ ବ୍ରାହ୍ମଣୀଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଗ୍ରେସକୁ ମୃତ ଘୋଷଣା କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପୋଲିସ ଘଟଣାଟିର ଅଧିକ ତଦନ୍ତ ଜାରି ରଖିଛି।

## କନବାଗେରି ନୂତନ ବାପଟିଷ୍ଟ ଚର୍ଚ୍ଚ କୋଠା ଗୃହ ଉଦ୍‌ଘାଟିତ

ଜି.ଉଦୟଗିରି,୧୦।୬(ସମିସ): ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର -୧୨ କନବାଗେରି ଉତ୍ତର ଭାରତୀ ମଣ୍ଡଳୀରେ ନିର୍ମାଣ ହୋଇ ଥିବା ନୂତନ ଚର୍ଚ୍ଚ କୋଠା ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋଡେରେଟର, ଉଘଓ ପାରିତୋଷ କେନିଙ୍ଗ,ସାଇନଡ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଡାୟୋସିସ ବିଷପ ଶ୍ରୀମତୀ ଭାୟୋଲେଟ ନାୟକ ଯୋଗ ଦେଇ ନୂତନ ଚର୍ଚ୍ଚ କୋଠା ଗୃହକୁ ଉଦଘାଟନ କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ପାଷ୍ଟର, ବିଶପଙ୍କ ସମେତ ଶତାଧିକ ଭଦ୍ର ମଣ୍ଡଳୀ ଯୋଗ ଦେଇ ଏହି ଶୁଭ ଉଦଘାଟନୀ ଉତ୍ସବରେ ନିଜକୁ ସାମିଲ କରିଥିଲେ ଓ ଆଜିର ଏହି କାର୍ଯ୍ୟକ୍ରମ ବିଷପ ଭାୟୋଲେଟ ନାୟକ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସୂର୍ଯ୍ୟକାନ୍ତ ନାୟକ।



## ଗଜପତିର ନୂତନ ଜିଲ୍ଲା ଚିକିତ୍ସାଧିକାରୀଙ୍କ ଯୋଗଦାନ

ପାରଳାଖେମୁଣ୍ଡି, ୧୦।୬ (ସମିସ): ଗଜପତି ଜିଲ୍ଲାର ନୂତନ ଜିଲ୍ଲା ଚିକିତ୍ସାଧିକାରୀ ଭାବେ ଡାକ୍ତର ମଞ୍ଜୁରାଣୀ ଜେନା ଯୋଗଦେଇଛନ୍ତି। ଡାକ୍ତର ଜେନା ଏଥି ପୂର୍ବରୁ ଭୁବନେଶ୍ୱର ସ୍ଥିତ ବିଏମସିରେ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ସୂଚନା ପ୍ରକାରେ ଗତ ଜାନୁୟାରୀ ୩୧ ତାରିଖରେ ଡାକ୍ତର ଏମ୍‌ଏମ୍ ଅଲ୍ଲୀ ଅବସର ଗ୍ରହଣ ପରେ ଏହି ଦାୟିତ୍ୱ ଏଡିଏମ୍‌ଓ ଡାକ୍ତର ଶାନ୍ତନୁ ପାଢୀ ଭାରପ୍ରାପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।



### କେତେ ଗୁହାରି ହେଲେ ଶୁଣିବ ପ୍ରଶାସନ?

# ଅଭିଶପ୍ତ ଜୀବନ କାଟୁଛନ୍ତି ଛଅଟି ଗାଁର ଲୋକେ

ବାଲିଗୁଡା, ୧୦।୬(ସମିସ)







ଆଉ କେତେ ଗୁହାରି ହେଲେ ଅଞ୍ଚଳବାସୀ ପାଇବେ ସରକାରୀ ଯୋଜନା, ସ୍ୱାଧିନତା ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ବିକାଶର ବାଧକ ସାଜିଛି ପକ୍କା ରାସ୍ତା। କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର୍ ଠାରୁ ଯୁବାଗୁଡ଼ା ଦେଇ ଜିଲ୍ଲାର ଅପହଞ୍ଚ ଦୁର୍ଗମ ସୀମାନ୍ତ ଅଞ୍ଚଳ ହେଉଛି ଲୁଧୁଙ୍ଗପଙ୍ଗା, ଗସାପାଙ୍ଗା, ଡଙ୍ଗାବାଦେରି, ମେରାଗୁଡ଼ି, କୁଚାଗୁଡ଼ି ଓ ସୁନାପାଙ୍ଗା। ବାରମ୍ବାର ଅଭିଯୋଗ ଓ ଗୁହାରି କଲେ ମଧ ଶୁଣୁ ନାହାଁନ୍ତି ପ୍ରଶାସନ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳ ବାସୀ। ସରକାର ପରେ ସରକାର ପରିବର୍ତ୍ତନ ହେଉଛି ଆଉ ସରକାରଙ୍କ ମାଳ ମାଳ ଯୋଜନା ହେଇଛି କିନ୍ତୁ ସେହି ଯୋଜନା ସବୁ ସରକାରୀ ଦପ୍ତର ନଥି ପତ୍ର ଭିତରେ ରହି ଯାଉଥିବା ଅନୁମାନ କରାଯାଉଛି। କୋଟଗଡ଼ ବ୍ଲକର ଦୁର୍ଗମ ଗ୍ରାମାଞ୍ଚଳ ଯୁବାଗୁଡ଼ା ଦେଇ ଗ୍ରାମ୍ୟ ସଡ଼କ ଉନ୍ନୟନ ବିଭାଗ ପକ୍ଷରୁ ଜିଲ୍ଲାର ସୀମାନ୍ତକୁ ସଂଯୋଗ କରିଛି। କିନ୍ତୁ ସେଇ ଆର୍ ଡି ରାସ୍ତାର ଖରୁରିପଦା ଛକ ଠାରୁ ସେଇ ପ୍ରମୁଖ ଅଞ୍ଚଳକୁ ପାଖା ପାଖି ୧୮ ରୁ ୨୦ କିମି ଦେଇ ଦାରିଙ୍ଗବାଡ଼ି ଅଞ୍ଚଳକୁ ସଂଯୋଗ କରୁଛି। ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ପରିବାରରେ ଏକ ହଜାରରୁ ରୁ ଅଧିକ ଲୋକ

**ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ**

ବସବାସ କରନ୍ତି ଏହି ଅଞ୍ଚଳରେ। ବାର୍ଦ୍ଧକ୍ୟ ଭତ୍ତାଠୁ ଆରମ୍ଭ କରି ମାସିକ ଖାଉଟି ଚାଉଳ ପାଇଁ ଶ୍ରୀରାମପୁର ପଞ୍ଚାୟତକୁ ଯିବାକୁ ପଡ଼ିଥାଏ ସେୟା ପୁଣି ଖାଲ ଢିପ ଜଙ୍ଗଲି ରାସ୍ତାରେ। ଅଞ୍ଚଳର ଏହି ସବୁ ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ ଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ବିଧାୟକ, ସାଂସଦ , ଅଞ୍ଚଳର ଜନ ପ୍ରତିନିଧି ଓ ଜିଲ୍ଲାପାଳ ଯୁଗ୍ମ ଜନ ଶୁଣାଣି ବାରମ୍ବାର ବର୍ଷ ବର୍ଷ ଧରି ଲିଖିତ ଅଭିଯୋଗ କରାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ପାଇ ପାରିନାହାନ୍ତି। ଯାହା ଫଳରେ ଦୁଃଖ ଦୁର୍ଦ୍ଦଶା ଜର୍ଜରିତ ହୋଇ ଜୀବନ ବିତାଉଛନ୍ତି। ଖଣ୍ଡିଏ ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି ଗର୍ଭବତୀ ମା। ସେତିକିରେ ସରିନି ସେହି ଅଞ୍ଚଳର ଦୁଃଖ କଥା ବିଶୁଦ୍ଧ ପାନୀୟ ଜଳ,ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବର୍ତ୍ତମାନ ସେହି ଅଞ୍ଚଳବାସି କହିବାର କଥା ଯେ ଯଦି ସରକାର ଯଥାଶୀଘ୍ର ସମସ୍ୟା ସମାଧାନ ନ କରିନ୍ତି ତେବେ ଆଗାମୀ ସାଧାରଣ ନିର୍ବାଚନ ସମୟରେ ପାଞ୍ଚ ସାତଟି ଗାଁର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ସେହି ଅଞ୍ଚଳର ଯୋସେଫ ମଲିକ, ପ୍ରଶନ ମଲିକ, ନାରବେତ୍ର ମଲିକ, ଗାବିନ୍ ପାଟମାଝୀ, ରିକା ମଲିକ, କବିରାଜ ମଲିକ, ରସାନ୍ତ ମଲିକ, ପାଉଲ ମଲିକ,ଗାବୀନ ପାଟମାଝୀ, ମୋସେସ ମଲିକ, ଗ୍ରୋଗରୀ ମଲିକ ଓ ଅଞ୍ଚଳବାସୀ।

## ଲୁହା ବ୍ୟାରିକେଡ୍‌ରେ ବାଡ଼େଇହୋଇ ଜଣେ ମୃତ ଅନ୍ୟଜଣେ ଗୁରୁତର

ତୁମୁଡିବନ୍ଧ,୧୦।୬(ସମିସ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ଜଳେଶପଟା ଅଞ୍ଚଳରେ ବୁଧବାର ଦିନ ଅପରାହ୍ଣରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଜଣର ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଜଗା ମାଝୀ (୧୯)। ଜଗା ମାଝୀର ଘର ତୁମୁଡିବନ୍ଧ ବ୍ଲକ କୁର୍ତ୍ତମଗଡ଼ ଗ୍ରାପର ବିରାଗାଡା ଗ୍ରାମ। ଗୁରୁତର ରହିଥିବା ଯୁବକ ଜଣକ ହେଉଛନ୍ତି ତୁମୁଡିବନ୍ଧ ଥାନା ଅଞ୍ଚଳ କୋଟଗଡ ବ୍ଲକ ବାଟାମାହା ଗ୍ରାମର ମଣ୍ଟୁ ଦଳେଇମାଝୀ। ସୂଚନା ଅନୁଯାଇ ତୁମୁଡିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ଅଞ୍ଚଳର ବିରାଗାଡା ଗ୍ରାମର ଜଗା ଓ ବାଟାମାହା ଗ୍ରାମର ମଣ୍ଟୁ କୁର୍ତ୍ତମଗଡରୁ ତୁମୁଡିବନ୍ଧ ଅଭିମୁଖେ କୋଣସି ଏକ ବ୍ୟକ୍ତିଗତ କାର୍ଯ୍ୟ ନିମନ୍ତେ ଏକ ମୋଟର ସାଇକେଲ ଯୋଗେ ଆସୁଥିଲେ। ତୁମୁଡିବନ୍ଧ ଅଞ୍ଚଳର ଜଳେଶପଟା ପହଞ୍ଚିବା ପରେ ସେଠାରେ ଥିବା ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ଭରି ସରିବାପରେ ପେଟ୍ରୋଲ ଟାଙ୍କିରୁ ତୁମୁଡିବନ୍ଧ ଅଭିମୁଖେ ଯାଉଥିବା ବେଳେ ଜଳେଶପଟାସ୍ଥିତ ହନୁମାନ ମନ୍ଦିର ସମ୍ମୁଖରେ ଥିବା ଏକ ବୁଲାଣି ନିକଟରେ ରାସ୍ତା କଡରେ ଲାଗିଥିବା ବ୍ୟାରିକେଡରେ ବାଇକ୍‌ଟି ପିଟିହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ସମୟରେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ ଜିଲ୍ଲା ଦିଶା ବୈଠକ ନିମନ୍ତେ ତୁମୁଡିବନ୍ଧରୁ ଫୁଲବାଣୀ ଯାଉଥିବା ବେଳେ ଦୁର୍ଘଟଣା ସ୍ଥଳରେ ସେମାନଙ୍କୁ ଦେଖିଥିଲେ। ସେ ଦମକଳ ବାହିନୀକୁ ଫୋନ କରି ସେମାନଙ୍କୁ ବିଲରୁ ରାସ୍ତାକୁ ବାହାର କରି ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚାଇଥିଲେ। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚିବା ପରେ ବ୍ଲକ ଅଧକ୍ଷା ତୁମୁଡିବନ୍ଧ ଥାନା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ସମ୍ପୂର୍ଣ୍ଣ ଘଟଣା ମାଧ୍ୟମରେ ଜଣେଇବାପରେ ଥାନା ଅଧିକାରୀ ଆଶୁତୋଷ ଜେନା ମେଡିକାଲ ପହଞ୍ଚିଥିଲେ।



**ଦୁର୍ଘଟଣାଜନିତ ଯୁବକଙ୍କୁ ମେଡିକାଲ ଆଣିଲେ ବ୍ଲକ ଅଧକ୍ଷା**

## ସଙ୍ଗୀତରେ ମନେ ରହିବେ ଷ୍ଟିଫେନ



ପାରଳାଖେମୁଣ୍ଡି, ୧୦।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି କରଣସାହିସ୍ଥିତ ବିଜୟ କ୍ଲବ୍ ପରିସରରେ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ଭକ୍ତି ନୈବେଦ୍ୟ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲା ଗୁମ୍ମା ଅଂଚଳର ଯୁବ କଳାକାର ଷ୍ଟିଫେନ ରଇତଙ୍କ ଅକାଳ ବିୟୋଗରେ ଅନୁଷ୍ଠାନ ପକ୍ଷରୁ ନୀରବ ପ୍ରାର୍ଥନା ସହ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଷ୍ଟିଫେନ ଜଣେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆସି ପାରଳା ସହରରେ ସଂଗୀତ ରେକଡ଼ିଂ ଷ୍ଟୁଡ଼ିଓ ପ୍ରତିଷ୍ଠା କରି ଅନେକ ଅନୁଷ୍ଠାନ ସହିତ ସୁସଂପର୍କ ସ୍ଥାପନ କରିଥିଲେ। ସେହିପରି ଗୁରୁ ରଘୁନାଥ ପାତ୍ର ଓ ଷ୍ଟିଫେନଙ୍କ ନିବିଡ ଗୁରୁ ଶିଷ୍ୟ ସମ୍ପର୍କ ରହିଥିଲା। ଷ୍ଟିଫେନ ଗୁରୁ ରଘୁନାଥ ପାତ୍ର ଙ୍କ ସହ ତତ୍କାଳିନ ଏସ ପି ସାରା ଶର୍ମାଙ୍କ ସି ଟିମ ସଙ୍ଗୀତ ରେ କାର୍ଯ୍ୟ କରି ସାରା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲା। ସେହିପରି ସବୁ ବିଖ୍ୟାତ ପରିଚିତ ହିନ୍ଦୀ ଓ ଓଡିଆ ଚଳଚିତ୍ର ସଙ୍ଗୀତ କୁ ସ୍ଥାନୀୟ ଆଦିବାସୀ ଭାଷାରେ ନିଜ ଶୈଳୀରେ ଗାନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଅନେକ ଆଦିବାସୀ ଗୀତ ନିଜେ ସୃଷ୍ଟି କରିଥିଲେ। ସେଥି ମଧ୍ୟରୁ କୁସୁମାଇ ଲାଙ୍ଗି ଆଜି ମଧ ଘରେ ଘରେ ପରିଚିତ। ସେହିପରି ଗୁରୁ ରଘୁନାଥ ପାତ୍ରଙ୍କ ଦେଖ ଜିଲ୍ଲା ଗଜପତି, ଯାବା ଯାବା ଫୁଟବଲ୍ ଗୀତ, ଓ ଅନେକ ସଙ୍ଗୀତ ରେକଡଙ୍ଗି କରିଥିଲେ, ସେଥିପାଇଁ ଷ୍ଟିଫେନ କୁସୁମାଇ ଲାଙ୍ଗି ଓ ସି ଟିମ ସଙ୍ଗୀତ ପାଇଁ ସେ ଚୀର ସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନ ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ବୈଠକରେ ସମ୍ପାଦକ ଗୁରୁ ରଘୁନାଥ ପାତ୍ର, ଯୁଗ୍ମ ସଂପାଦକ ଆଦର୍ଶ ଦାସ, କୋଷାଧ୍ୟକ୍ଷ ହରିହର ପଟ୍ଟନାୟକ, ସଦସ୍ୟ ରଶ୍ମି ରଞ୍ଜନ ସାହୁ, ଡି. ମୋହନ ରାଓ, ଜଗନ୍ନାଥ ପଟ୍ଟନାୟକ, ରାଜା ପାତ୍ର, ବାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।

## ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ

ଗୋଷାଣି, ୧୦।୬ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ସ୍ଥିତ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଉଦ୍ଦେଶ୍ୟ ସରକାର ଙ୍କ ୨ୟ ବର୍ଷ ପୂରଣରେ ଉପଲବ୍ଧି ଗ୍ରାମାଞ୍ଚଳ ଲୋକ ମାନଙ୍କ ନିକଟରେ ପହଞ୍ଚାଇବା। ବ୍ଲକ୍ ସ୍ତରରେରେ ଏବଂ ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ନିମନ୍ତେ ସମସ୍ତ ବ୍ୟବସ୍ଥା କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ଏନ୍.ବୀରରାଜୁ ଉପସ୍ଥିତ ଥିଲେ। ସମସ୍ତ ବିଭାଗୀୟ ଅଧିକାରୀ, ବ୍ଲକର ସମସ୍ତ ଅଧିକାରୀ, ବିଭିନ୍ନ ପଞ୍ଚାୟତ ର ସରପଂଚ, ସମିତିସଭ୍ୟ ଏହି ବୈଠକରେ ଯୋଗ ଦେଇ ଥିଲେ। ମଞ୍ଚରେ ସହକାରୀ ନିର୍ବାହୀ ଯନ୍ତ୍ରୀ ,ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କ ରେ ଆଲୋଚନା କରିଥିଲେ। ଏହିମାସ ୧୯ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ ବ୍ଲକ ସ୍ତର ରେ କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ କରାଯିବ ଏବଂ ପଞ୍ଚାୟତ ଗୁଡ଼ିକ ରେ ୧୯,୬,୨୦୨୫ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ସେହିପରି ଏହି ବୈଠକରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର କେଉଁ ତାରିଖରେ କେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ସେସମ୍ପର୍କରେସମସ୍ତ ଉପସ୍ଥିତ ସରପଂଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା



ପାରଳାଖେମୁଣ୍ଡି, ୧୦।୬ (ସମିସ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜା ପ୍ୟାଲେସ୍? ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ଯୋଗ୍ୟ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟ ଭୋଟରଙ୍କ ନାମ ବାଦ, ମୃତ ବ୍ୟକ୍ତିଙ୍କ ନାମ ବିଲୋପ, ନକଲି ନାମ ଚିହ୍ନଟ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ କାର୍ଯ୍ୟରେ ବିଏଲଓମାନଙ୍କୁ ସହଯୋଗ କରିବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ବିଏଲଓ ମାନେ ଘରକୁଘର ବୁଲି ଯାଞ୍ଚ କାର୍ଯ୍ୟ କରିବେ ବୋଲି ମଧ ଅବଗତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନୁପ ପଣ୍ଡା, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀ, ସହାୟକ ଜିଲ୍ଲାପାଳ ମନୋଜ କୁମାର ପଟ୍ଟନାୟକ, ସହରର ସମସ୍ତ ବିଏଲଓ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ ଏକ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଗତ ୩୦ ମେ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରିବେ। ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ ଏବଂ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟାୟ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ୬ ସେପ୍‌ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ଏହା ସହିତ ଅଧିକ ସୂଚନା ଓ ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ ଯୋଗାଯୋଗ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଚେତନତା ପଦଯାତ୍ରାରେ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଷ୍ଟିଫେନଙ୍କ ବିୟୋଗରେ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ବିଧାୟକ



ଗୁମ୍ମା, ୧୦।୬ (ସମିସ) ଗଜପତି ଜିଲ୍ଲାର ସୁନାମଧନ୍ୟ କଣ୍ଠଶିଳ୍ପୀ ଷ୍ଟିଫେନ ରଇତଙ୍କ ବିୟୋଗରେ ଆଜି ପାରଳାଖେମୁଣ୍ଡି ବିଧାୟକ ରୁପେଷ ପାଣିଗ୍ରାହୀ ମୃତ୍ୟୁ ରଇତଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପାଖରେ ପ୍ରାର୍ଥନା କରିଥିଲେ। ଷ୍ଟିଫେନ ଜଣେ ଭଲ କଣ୍ଠଶିଳ୍ପୀ ସହ ପରଉପକାରୀ ହିସାବରେ ଜଣାଶୁଣା ସେ ସୌଉରା ଗୀତ ସହ ଆସାମୀ, ଓଡ଼ିଆ, ହିନ୍ଦୀ ତେଲୁଗୁରେ ଗୀତଗାଇ ସାରା ଓଡ଼ିଶା ସହ ଓଡ଼ିଶା ବାହାରେ ମଧ ସୁନାମ ଅର୍ଜନ କରିଥିଲେ। ଷ୍ଟିଫେନ ଏବଂ ବିରାଜି ଯଦି କଣ୍ଠଶିଳ୍ପୀ ହିସାବରେ ବହୁ ଜଣାଶୁଣା ଥିଲେ। ଷ୍ଟିପେନଙ୍କ ପତ୍ନୀ ବିରାଜୀ ଏକା ହୋଇଯାଇଥିବା ସହ ବିରାଜି ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ଏନେଇ ବିଧାୟକ ଷ୍ଟିଫେନଙ୍କ ଧର୍ମପତ୍ନୀ ଓ ତାଙ୍କ ପୁଅଝିଅଙ୍କୁ ମିଶି ସେମାନଙ୍କ ସମସ୍ତ ଅସୁବିଧାରେ ସହଯୋଗ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମବେଦନା ଜଣାଇବା କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ସମିତି ସଭ୍ୟ ବୁଲୁ ରଇତ, ବିଜେଡି ନେତା ଜେମସ ରାଇକା, ମସୁରୁନ ରଇତ ,ସାମ୍ବାଦିକ କୃଷ୍ଣ କୁମାର ବେହେରା ଓ ପ୍ରବୀଣ ଲିମା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ଣ୍ଣାହୁତି ସହ ସମ୍ପନ୍ନ ହେଲା ମହେନ୍ଦ୍ର ମେଳା





ରାୟଗଡ଼, ୯।୬ (ସମିସ) : ପବିତ୍ର ଜ୍ୟେଷ୍ଠ ମାସ ଅବସରରେ ପୁରାଣ ପ୍ରସିଦ୍ଧ ତଥା ଐତିହାସିକ ମହେନ୍ଦ୍ରଗିରି ପର୍ବତ ଶିଖରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିଲା ଭବ୍ୟ "ମହେନ୍ଦ୍ର ମେଳା'। ଦୀର୍ଘ ନଅଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ ମହୋତ୍ସବର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ପବିତ୍ର ଯୋଡ଼ା ଜ୍ୟେଷ୍ଠର ମହାସଂଯୋଗ ଅବସରରେ ମହେନ୍ଦ୍ରାଞ୍ଚଳରେ ଶ୍ରଦ୍ଧାଳୁଙ୍କ ଅଭୁତପୂର୍ବ ଜନସମୁଦ୍ର ଦେଖିବାକୁ ମିଳିଥିଲା। ମେଳାରେ ରାଜ୍ୟପାଳଙ୍କ ଉପସ୍ଥିତି ମୁଖ୍ୟ ଆକର୍ଷଣ ରହିଥିଲା। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଓ ପୋଲିସ ବାହିନୀ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହେନ୍ଦ୍ର ମେଳାର ଶେଷ ଦିନରେ ପରିବହନ କମିଶନର ଅମିତାଭ ଠାକୁର, ଗଞ୍ଜାମ ଜିଲ୍ଲାପାଳ କୀର୍ତି ଭାସନ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଂଗଠନ ମହାମନ୍ତ୍ରୀ ପଣ୍ଡିତ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ମେଳକ୍ଷ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନ ରେ ହୋଇଥିବା ବେଳେ ଯଜ୍ଞ ପରିଚାଳନା କମିଟି ସଭାପତି ଜୁରିଆ ଜାନି, ସମ୍ପାଦକ ତଥା ଏସଡିସି ଅଧ୍ୟକ୍ଷ କାମଦେବ ବଡ଼ନାୟକ, ମହେନ୍ଦ୍ର ଆଶ୍ରମର ସ୍ୱାମୀ ଭାସ୍କର ତୀର୍ଥ, ପୂର୍ବତନ ଏସଡିସି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଶବର ସମାଜ ସର୍ବୋଚ୍ଚ ସଭାପତି ଦଳପତି ମଣ୍ଡଳ, ସର୍ବୋଚ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ, ସମ୍ପଦ ନାୟକ ଓ ମହେନ୍ଦ୍ର ଉନ୍ନୟନ କମିଟି ପରିଚାଳନା କରିଛନ୍ତି। ଗଜପତି ଜିଲ୍ଲାର ପବିତ୍ର ଶୈବପୀଠ ମହେନ୍ଦ୍ରଗିରିରେ ବର୍ତ୍ତମାନ ପାରମ୍ପରିକ 'ମହେନ୍ଦ୍ର ମେଳା' ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମେଳା ଅବସରରେ ଦୂରଦୂରାନ୍ତରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଦିନତମାମ ଅନ୍ନ ଭୋଜନ ବା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଇସ୍କନର ଶିବିରରେ କୁନି ପିଲାଙ୍କ ଗୀତା ଆବୃତ୍ତି

ପାରଳାଖେମୁଣ୍ଡି, ୧୦।୬ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ପୌରପାଳିକା ସଭାଗୃହ ଠାରେ ଜିଲ୍ଲାର ଇସ୍କନ ପରିବାର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡି ଶାଖା ଦ୍ୱାରା ସଫଳତାର ସହିତ ଆୟୋଜିତ ଏହି ଗ୍ରୀଷ୍ମକାଳୀନ ଶିବିରର ଆଜି ଉଦଯାପନୀ ସମାରୋହ ରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଇସ୍କନ ମନ୍ଦିରର ସଭାପତି ତଥା ଇସ୍କନ ଓଡ଼ିଶା ପ୍ରାଦେଶିକ ଅଧକ୍ଷ୍ୟ ପଞ୍ଚରତ୍ନ ଦାସ ପ୍ରଭୁଜୀ ଏବଂ ବିଶେଷ ଅତିଥି ରୂପେ ପାରଳା ପୌରାଧକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉପସ୍ଥିତ ଅତିଥି ମାନେ ପ୍ରଥମେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚରଣାବିନ୍ଦରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୧୨ ଦିନର ଶିବିରରେ ଯୋଗଦେଇ ଥିବା ସମସ୍ତ କୁନି କୁନି ୫ ରୁ ୧୨ ବର୍ଷ ପିଲାଙ୍କୁ ନୈତିକ ଶିକ୍ଷା, ଭଗବତ ଗୀତା ପଠନ, ଶ୍ଳୋକ ଉଚ୍ଚାରଣ, ଉପାଦେୟଭରା ସଂସ୍କୃତିକ ନୃତ୍ୟ ଓ ନାଟକର ଶିକ୍ଷା ଦିଆଯାଇଥିଲା। ଶେଷରେ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରି ଅକ୍ଲାନ୍ତ ପରିଶ୍ରମ କରିଥିବା ଇସ୍କନ ପରିବାରର ସଦସ୍ୟ ରାମଚନ୍ଦ୍ର ମନୋହର ଦାସ ପ୍ରଭୁ, ମନୋରଞ୍ଜନ ପ୍ରଭୁ, ମନ୍ଦର ଅନନ୍ତ ପ୍ରଭୁ, ସାକ୍ଷୀଗୋପାଳ ଦାସ, ସନାତନ ଦାସ, ଦେବପ୍ରିୟା ମାତା, ସାଧ୍ୱୀ ମାତା, ସୁମନ ରାଧା ମାତା, ଘନଶ୍ୟାମୀ ମାତା, ଶକୁନ୍ତଳା ମାତା, ବିଶ୍ୱମ୍ବର ପ୍ରଭୁ, ମାନସ ପ୍ରଭୁ, ପ୍ରବୀଣ ପ୍ରଭୁ, ସମୃଦ୍ଧି ଲକ୍ଷ୍ମୀ ମାତା, ଏନ. ମମତା ମାତା, ମାର୍ଶିକା ମାତା, ୟୁ ସରସ୍ୱତୀ ମାତା, ସୁମେଶ କାଣ୍ଡା, କୁମାର ପ୍ରଭୁ, ସାମନ୍ତ ପ୍ରଭୁ, ବବୁ, କବୁ, ସିଦ୍ଧାର୍ଥ ପ୍ରଭୁ, ଚନ୍ଦ୍ରକଳା ମାତା, ଜି. ଗାୟତ୍ରୀ ମାତା, ରାଜେଶ ପ୍ରଭୁ, ଶଙ୍କର ପ୍ରଭୁ, ଭାନୁମତୀ ମାତା ଙ୍କୁ ମଞ୍ଚାସୀନ ଅତିଥି ମାନେ ସମ୍ବର୍ଦ୍ଧନା କରିଥିବା ବେଳେ ଇସ୍କନ ପରିବାରର କୁନି କୁନି ପିଲାଏ ଅତିସୁନ୍ଦର ଭାବେ ଭଗବତ ଗୀତା ଆବୃତ କରିଥିଲେ। ସମସ୍ତ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମରେଉପସ୍ଥିତ ରହି ମହାପ୍ରଭୁ ଜଗନ୍ନାଥଙ୍କ ଚରଣାରବିନ୍ଦ ତଥା ଗୋପୀନାଥଙ୍କ ଆଶୀର୍ବାଦ ଗ୍ରହଣ କରି ଆନନ୍ଦିତ ହୋଇଥିଲେ। ଏହି ଭବ୍ୟ ସମାରୋହରେ ନାମ ସଂକିର୍ତ୍ତନ ମଧ୍ୟ ହୋଇଥିବା ବେଳେ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଥିଲେ।



